



# ୧୬

# ଭାରତ- ପ୍ରାକୃତିକ ଗଠନ

ଐତିହାସିକ ଦୃଷ୍ଟିକୋଣରୁ ଭାରତ ଏକ ପ୍ରାଚୀନ ଦେଶ ଯାହା ଭାରତବର୍ଷ ନାମରେ ଖ୍ୟାତ । ତିନିପାର୍ଶ୍ୱ ସମୁଦ୍ର ପରିବେଷ୍ଟିତ ଓ ବିଶାଳ ଉତ୍ତୁଙ୍ଗ ପର୍ବତମାଳା ଦ୍ୱାରା ଏସିଆ ମହାଦେଶର ଅନ୍ୟ ଅଞ୍ଚଳ ଠାରୁ ଏହା ବିଚ୍ଛିନ୍ନ । ତଥାପି ଏହାର ଏକ ଭୌଗୋଳିକ ସ୍ୱତନ୍ତ୍ରତା ହେତୁ ଏହାକୁ ଭାରତୀୟ ଉପମହାଦେଶ ବୋଲି କୁହାଯାଏ । ଆକାର ଦୃଷ୍ଟିରୁ ଏହା ପୃଥିବୀର ସପ୍ତମ ବୃହତ୍ତମ ଦେଶ । ବିଶାଳତା ହେତୁ ଏହାର ପ୍ରାକୃତିକ ସ୍ୱରୂପରେ ଅନେକ ବିଭିନ୍ନତା ଦେଖାଯାଏ । ତେଣୁ ଏହାର ମୁଖ୍ୟ ଭୌଗୋଳିକ ସ୍ୱରୂପ ବିଷୟରେ ବିସ୍ତୃତ ଜ୍ଞାନ ଆହାରଣ କରିବା ଆବଶ୍ୟକ । ଛାତ୍ରଛାତ୍ରୀମାନେ ଭାରତର ମୁଖ୍ୟ ବାହ୍ୟ ଉଚ୍ଚାବଚ, ପର୍ବତ ଶୃଙ୍ଖଳା, ମାଳଭୂମି, ସମତଳ ଭୂମି ପ୍ରବାହିତ ନଦୀ ବ୍ୟବସ୍ଥା (Drainage system), ହିମବାହ ଓ ଆଗ୍ନେୟଗିରି ଇତ୍ୟାଦି ସମ୍ବନ୍ଧରେ ଅବଗତି ହେବା ଅତ୍ୟନ୍ତ ଜରୁରୀ ।

## ଉଦ୍ଦେଶ୍ୟ :

ଏହି ଅଧ୍ୟାୟକୁ ପଢ଼ିସାରିଲା ପରେ ତୁମେ :

- ଅକ୍ଷାଂଶ ଓ ଦ୍ରାଘିମା ବିସ୍ତୃତି ଓ ପରିପ୍ରେକ୍ଷୀରେ ଭାରତର ଅବସ୍ଥିତି ଜାଣିପାରିବ;
- ମାନଚିତ୍ର ଓ ଗ୍ଲୋବ ସାହାଯ୍ୟରେ ଭାରତର ପଡ଼ୋଶୀଦେଶ, ମହାଦେଶ, ଗୋଲାର୍ଦ୍ଧ, ଭାରତ ମହାସାଗର ଓ କ୍ଷେତ୍ରଫଳ ଦୃଷ୍ଟିରୁ ଅନ୍ୟାନ୍ୟ ଦେଶ ସହ ଏହାର ତୁଳନା କରିପାରିବେ;
- ମୁଖ୍ୟ ପ୍ରାକୃତିକ ବିଭାଗ ଗୁଡ଼ିକର ବିଶେଷା ବର୍ଣ୍ଣନା କରିବାରେ ସକ୍ଷମ ହେବେ;
- ମୁଖ୍ୟ ପ୍ରାକୃତିକ ଅଂଚଳ ଓ ନଦୀମାନଙ୍କର ଗତିପଥ ମାନଚିତ୍ରରେ ଦେଖାଇପାରିବେ;
- ହିମାଳୟରୁ ଉତ୍ପତ୍ତି ଲାଭ କରିଥିବା ନଦୀ ସହ ଉପଦ୍ୱୀପୀୟ ନଦୀ (ଦକ୍ଷିଣ ଭାରତ ନଦୀ)କୁ ତୁଳନା କରିପାରିବେ;
- ଏହାର ସମୃଦ୍ଧ ତଥା ବିବିଧ ସଂସ୍କୃତି ଏହାର ବିବିଧ ପ୍ରାକୃତିକ ସ୍ୱରୂପରେ ପରିଣାମ ବୋଲି ପିଲାମାନେ ହୃଦ୍‌ବୋଧ କରିପାରିବେ;
- ଏହାର ବିଭିନ୍ନ ପ୍ରାକୃତିକ ବିଭାଗଗୁଡ଼ିକ ଅର୍ଥନୈତିକ ଦୃଷ୍ଟିକୋଣକୁ କିଭଳି ପରସ୍ପରର ପରିପୂରକ ବର୍ଣ୍ଣନା କରିବାକୁ ସକ୍ଷମ ହେବେ ।



ଟିପ୍ପଣୀ

## 16.1 ଭାରତର ଅବସ୍ଥିତି, ବିସ୍ତୃତି, ସୀମାରେଖା :

ଦକ୍ଷିଣ ଏସିଆର ଏକ ବିଶାଳ ଭୂ-ଖଣ୍ଡ ଯାହାର ଉତ୍ତର, ଉତ୍ତର ପଶ୍ଚିମ ଓ ଉତ୍ତର ପୂର୍ବ ଦିଗରେ ରହିଛି ଏକ ତରୁଣ ଭଙ୍ଗିଳ ପର୍ବତ-ମାଳା । ଏହାର ଦକ୍ଷିଣ ଦିଗରେ ଭାରତ ମହାସାଗର ଦକ୍ଷିଣ ପଶ୍ଚିମ ଆରବ ସାଗର ଓ ଦକ୍ଷିଣ ପୂର୍ବରେ ବଙ୍ଗୋପସାଗର ଅବସ୍ଥିତି । ଦକ୍ଷିଣ ଏସିଆର ଏହି ବିଶାଳ ଭୂଭାଗର ନାମ 'ଭାରତ ଉପମହାଦେଶ', ଭାରତ, ବାଂଲାଦେଶ, ପାକିସ୍ତାନ, ନେପାଳ, ଭୁଟାନ ଓ ପାକ୍ ପ୍ରଣାଳୀ ଦ୍ୱାରା ବିଛିନ୍ନ ହୋଇଥିବା ଏକ ଦ୍ୱୀପ ଶ୍ରୀଲଙ୍କାକୁ ନେଇ ଏହି ଉପମହାଦେଶ ଗଠିତ । ଏକ ମାତ୍ର ଭାରତ ଏହି ଉପମହାଦେଶର ତିନି ଚତୁର୍ଥାଂଶ ଅଞ୍ଚଳ ଅଧିକାର କରିଥିଲେ ମଧ୍ୟ ପ୍ରତ୍ୟେକ ପଡ଼ୋଶୀ ଦେଶ ସହ ଏହା ସାଧାରଣ ଆନ୍ତର୍ଜାତୀୟ ସୀମାରେଖା ଦ୍ୱାରା ସଂଯୁକ୍ତ । ୫ଟି ପଡ଼ୋଶୀ ଦେଶ ସହିତ ଭାରତ ଏକ ସ୍ୱତନ୍ତ୍ର ଭୌଗୋଳିକ ଅଞ୍ଚଳ ହୋଇଥିବାରୁ ପ୍ରତ୍ୟେକ ଦେଶ ସାଂସ୍କୃତି ଦୃଷ୍ଟିକୋଣୁ ପରସ୍ପରର ନିକଟତର । ପ୍ରାଚୀନ ଯୁଗରୁ ଏହା ଆର୍ଯ୍ୟାବର୍ତ୍ତ, ଭାରତ, ହିନ୍ଦୁସ୍ଥାନ ଇତ୍ୟାଦି ନାମରେ ବିଖ୍ୟାତ । ଏକ ମାତ୍ରଦେଶ ଭାରତ, ଯାହାର ନାମାନୁସାରେ 'ଭାରତ ମହାସାଗର' ନାମକାରଣ କରାଯାଇଛି । ଭାରତୀୟ ସଂବିଧାନ ଅନୁଯାୟୀ ଏହା ନାମ ଭାରତ ବା ଇଣ୍ଡିଆ ।

ଭାରତ ସଂପୂର୍ଣ୍ଣ ରୂପେ ଉତ୍ତର ଗୋଲାର୍ଦ୍ଧରେ ଅବସ୍ଥିତ । ଏହାର ମୂଳ ଭୂଖଣ୍ଡ ୮° 4' ଓ 37° 6' ଉତ୍ତର ସମାକ୍ଷରେଖା ମଧ୍ୟରେ ଓ ୬୮° 7' ଓ ୨7° 25' ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ତେଣୁ ଏହାର ଅକ୍ଷାଂଶ ଓ ଦ୍ରାଘିମା ବିସ୍ତୃତି ପ୍ରାୟତଃ 2୨ ଡିଗ୍ରୀ ଅଟେ । ଏହାର ଉତ୍ତର-ଦକ୍ଷିଣ ବିସ୍ତୃତି 3214 କିଲୋମିଟର ଓ ପୂର୍ବ-ପଶ୍ଚିମ ବିସ୍ତୃତି 2933 କିଲୋମିଟର । ଅକ୍ଷାଂଶ ଓ ଦ୍ରାଘିମା ପ୍ରାୟତଃ ସମାଦ ହେବା ସ୍ଥଳେ, ଭୂମି ଦୂରତ୍ୱକୁ କି.ମି.ରେ ପ୍ରକାଶ କଲେ ପାର୍ଥକ୍ୟ ସୃଷ୍ଟି ହୁଏ । ଏପରି ବ୍ୟବଧାନ କାହିଁକି ? କାରଣ ବିଷୁବ ବୃତ୍ତ ଠାରେ ଦୁଇଟି ଦ୍ରାଘିମା ମଧ୍ୟରେ ବ୍ୟବଧାନ ସର୍ବାଧିକ 111 କି.ମି । ବିଷୁବ ରେଖାଠାରୁ ମେରୁ ଆଡ଼କୁ ଦ୍ରାଘିମା ରେଖାଗୁଡ଼ିକ ମଧ୍ୟରେ ବ୍ୟବଧାନ କ୍ରମଶଃ ହ୍ରାସ ପାଇ ମେରୁଠାରେ ଶୂନ୍ୟ ହୋଇଯାଏ କିନ୍ତୁ ଅକ୍ଷାଂଶ ରେଖା ଗୁଡ଼ିକ ପରସ୍ପର ସମାନ୍ତର ହୋଇଥିବାରୁ ପୃଥିବୀର ସର୍ବତ ଦୁଇ ଅକ୍ଷାଂଶ ରେଖା ମଧ୍ୟରେ ବ୍ୟବଧାନ ସବୁବେଳେ ସମାନ 111 କି.ମି ।

**ସାରଣୀ**

| ଅକ୍ଷାଂଶ | 0 | 10 | 20 | 30 | 40 | 50 | 60 | 70 | 80 | 90 |
|---|---|---|---|---|---|---|---|---|---|---|
| ଦୁଇ ଦ୍ରାଘିମା ବ୍ୟବଧାନ | 111 | 109.6 | 104.6 | 96.4 | 85.4 | 71.7 | 55.8 | 38.2 | 19.4 | 0 |

ଭୂଗୋଲକକ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ରୂପେ ଜଣାପଡ଼ିବ ।

ଭାରତୀୟମୂଳ ଭୂଖଣ୍ଡର ଉତ୍ତରତମ ସ୍ଥାନ ଜାମ୍ମୁ ଓ କାଶ୍ମୀର ରାଜ୍ୟରେ, ଦକ୍ଷିଣତମ ସ୍ଥାନ କନ୍ୟାକୁମାରୀ ତାମିଲନାଡୁ ରାଜ୍ୟରେ ଅବସ୍ଥିତ । କିନ୍ତୁ ଭାରତର ଦକ୍ଷିଣତମ ସ୍ଥାନର ନାମ ଇନ୍ଦିରା ପଏଣ୍ଟ୍ ଯାହା ଆଣ୍ଡାମାନ ଓ ନିକୋବର ଦୀପପୁଞ୍ଜରେ ଅବସ୍ଥିତ । ଇନ୍ଦିରାପଏଣ୍ଟର ଅକ୍ଷାଂଶ 6° 30' ଉତ୍ତର ଅକ୍ଷାଂଶ । ସେହିପରି ଭାରତର ପୂର୍ବତମ ସ୍ଥାନ ଅରୁଣାଚଳ ପ୍ରଦେଶରେ ଓ ପଶ୍ଚିମତମ ସ୍ଥାନ ଗୁଜୁରାଟରେ ଅବସ୍ଥିତ ।

ଏତେ ବଡ଼ ଅକ୍ଷାଂଶୀୟ ବିସ୍ତୃତି ଭାରତବାସୀଙ୍କ ଜୀବନ ଉପରେ କି ପ୍ରଭାବ ପକାଉଛି ଆସ ଜାଣିବା । ଭାରତର ଉତ୍ତରାଂଶ/ଉତ୍ତର ଭାରତ ବିଷୁବ ରେଖାଠାରୁ ବହୁ ଦୂରରେ ଅବସ୍ଥିତ । ତେଣୁ ଏହି ଅଞ୍ଚଳରେ ସୂର୍ଯ୍ୟଙ୍କର ତୀର୍ଯ୍ୟକ୍ କିରଣ ପଡ଼େ । ଫଳସ୍ୱରୂପ ଏଠାରେ ତାପମାତ୍ରା କମ୍ ରହେ ଓ ଦକ୍ଷିଣାଂଶ ତୁଳନାରେ

ଥଣ୍ଡା ରହେ । ଦ୍ୱିତୀୟତଃ ଦିନ ଓ ରାତିର ସମୟ ସୀମା ଅବଧି ଉପରେ ମଧ୍ୟ ପ୍ରଭାବ ପଡ଼େ । ବିଷୁବ ବୃତ୍ତ ନିକଟସ୍ଥ ଭାରତର ଦକ୍ଷିଣାଂଶରେ ଦିନ ଓ ରାତିର ସମୟ ସୀମା ମଧ୍ୟରେ ପ୍ରାୟ 45 ମି.ର ପାର୍ଥକ୍ୟ ସମୟରେ ଉତ୍ତର ଭାରତରେ ଏହି ପାର୍ଥକ୍ୟ କ୍ରମଶଃ ବଢ଼ିବାରେ ଲାଗେ, ଏପରିକି ୫ଘଣ୍ଟାର ବ୍ୟବଧାନ ମଧ୍ୟ ଦେଖାଯାଏ ।

$23\frac{1}{2}^0$ ବା $23^0 30'$ ରେ କର୍କଟ କ୍ରାନ୍ତି ଭାରତର ପ୍ରାୟତଃ ମଧ୍ୟଭାଗରେ କଳ୍ପନା କରାଯାଇଛି । ତେଣୁ କର୍କଟକ୍ରାନ୍ତିର ଦକ୍ଷିଣରେ ଥିବା ଅଂଚଳ କ୍ରାନ୍ତି ମଣ୍ଡଳରେ ଅବସ୍ଥିତ ଓ ଉତ୍ତରାଂଶ ଉପକ୍ରାନ୍ତି ମଣ୍ଡଳରେ ଅବସ୍ଥିତ ।

ପୃଥିବୀ ନିଜ ଚାରିପଟେ ଥରେ ଆବର୍ତ୍ତନ କରିବା ପାଇଁ 24 ଘଣ୍ଟା ସମୟ ନିଏ । ପୃଥିବୀ ପଶ୍ଚିମରୁ ପୂର୍ବକୁ ଆବର୍ତ୍ତନ କରୁଥିବାରୁ ପୂର୍ବପଟେ ସୂର୍ଯ୍ୟ ପ୍ରଥମ ଉଦୟ ହୁଅନ୍ତି ଓ କିଛି ସମୟ ବିଳମ୍ବରେ ପଶ୍ଚିମ ପଟେ ଉଦୟ ହୁଅନ୍ତି । ଏକ ଘଣ୍ଟାରେ ପୃଥିବୀ $150^0$ ଅତିକ୍ରମ କରୁଥିବାରୁ $360^0$ ଘୂରିବା ପାଇଁ ପୃଥିବୀକୁ 24 ଘଣ୍ଟା ସମୟ ଲାଗେ । ଭାରତର ଦ୍ରାଘିମା ରେଖୀୟ ପ୍ରାୟ $29^0$ । ତେଣୁ ଭାରତର ପୂର୍ବସ୍ଥ ଓ ପଶ୍ଚିମସ୍ଥ ସୀମାରେ ଥିବା ଅଞ୍ଚଳ ମଧ୍ୟରେ ସମୟ ବ୍ୟବଧାନ 2 ଘଣ୍ଟା ଯେତେବେଳେ ପୂର୍ବତମ ସ୍ଥାନରେ ସୂର୍ଯୋଦୟ ହୁଏ । ତାହାର ଠିକ୍ ଦୁଇଘଣ୍ଟା ପରେ ପଶ୍ଚିମତମ ସ୍ଥାନରେ ସୂର୍ଯୋଦୟ ହୁଏ ।

ସମୟର ଏଭଳି ବିଶାଳ ତାରତମ୍ୟକୁ ଦୂର କରିବା ପାଇଁ ପୃଥିବୀର ଅନ୍ୟାନ୍ୟ ଦେଶଭଳି ଏହାର ମଧ୍ୟଭାଗ ଦେଇ ଅତିକ୍ରମ କରିଥିବା ଦ୍ରାଘିମାରେଖା ସ୍ଥାନୀୟ ସମୟକୁ ଦେଶର ପ୍ରମାଣ ସମୟ ଭାବେ ଗ୍ରହଣ କରାଯାଇଛି । $82^0$ 30' ପୂର୍ବ ଦ୍ରାଘିମାରେଖାକୁ ଭାରତର ପ୍ରମାଣ ମଧ୍ୟାହ୍ନରେଖା ବା ମଧ୍ୟନ୍ଦିନ ରେଖା ହିସାବରେ ଗ୍ରହଣ କରାଯାଇଛି । ଏହାର ସ୍ଥାନୀୟ ସମୟକୁ ଭାରତୀୟ ପ୍ରମାଣ ଭାବେ ଧରାଯାଇଛି ।

ଭାରତର ଉତ୍ତର କେନ୍ଦ୍ରାଞ୍ଚଳ ପ୍ରଶସ୍ତ ଓ ଦକ୍ଷିଣାଂଶ କ୍ରମଶଃ ସଂକୀର୍ଣ୍ଣ ହୋଇ ଭାରତ ମହାସାଗର ମଧ୍ୟକୁ ପଶିଆସିଛି । ଭାରତୀୟ ଉପଦ୍ୱୀପକୁ ଏପରି ବିସ୍ତୃତି ଯୋଗୁଁ ଭାରତ ମହାସାଗର ଉତ୍ତରାଂଶ ଦୁଇ ଭାଗରେ ବିଭକ୍ତ ହୋଇଛି । ଭାରତ ମହାସାଗରର ପୂର୍ବାଂଶର ନାମ ବଙ୍ଗୋପସାଗର ଓ ପଶ୍ଚିମାଂଶର ନାମ ଆରବ ସାଗର । ମୂଳ ଭୂଖଣ୍ଡ ସହ ଆଣ୍ଡାମାନ ଓ ନିକୋବର ଦୀପପୁଞ୍ଜ ଓ ଲାକ୍ଷାଦ୍ୱୀପପୁଞ୍ଜକୁ ମିଶାଇ ଭାରତର ଉପକୂଳରେଖାର ଦୈର୍ଘ୍ୟ ପ୍ରାୟତଃ 7516.6 କିଲୋମିଟର । ପ୍ରାକ୍ ପ୍ରଣାଳୀ ଦ୍ୱାରା ଶ୍ରୀଲଙ୍କା ଭାରତ ଠାରୁ ବିଚ୍ଛିନ୍ନ ହେଲେ ମଧ୍ୟ ଗଠନ ଦୃଷ୍ଟିରୁ ଏହା ଭାରତୀୟ ଉପଦ୍ୱୀପର ଏକ ବର୍ଦ୍ଧିତ ଅଂଶ ବିଶେଷ ।

## 16.2 ଆକାର :

ଭାରତ ପୃଥିବୀ କ୍ଷେତ୍ରଫଳର 2.52% ଅଂଶ ଦଖଲ କରିଛି । କିନ୍ତୁ ପୃଥିବୀ ଜନସଂଖ୍ୟାର 16% ଲୋକ ଭାରତରେ ହିଁ ଅଛନ୍ତି । ଭାରତର ଭୂ-ସୀମା 15,200 କି.ମି ପର୍ଯ୍ୟନ୍ତ ବ୍ୟାପିଛି । ପାକିସ୍ଥାନ, ଆଫଗାନିସ୍ଥାନ, ଚୀନ, ନେପାଳ, ମିଁଆମାର ଓ ବାଂଲାଦେଶ ସହ ଆମ ଦେଶର ସୀମାରେଖା ମିଳିତ ହୋଇଛି । ପୂର୍ବ ହିମାଳୟରେ ଅବସ୍ଥିତ ଭୂଟାନ ଏକ କ୍ଷୁଦ୍ର ଦେଶ । ଏହାର ପ୍ରତିରକ୍ଷା ଦାୟିତ୍ୱ ଭାରତ ବହନ କରେ । ବାଲାଂଦେଶ ଓ ପାକିସ୍ତାନ ସହ ଆମଦେଶର ଆନ୍ତର୍ଜାତୀୟ ସୀମାରେଖା ମନୁଷ୍ୟକୃତ । ପ୍ରାକୃତିକ ସୀମାରେଖା ପାଇଁ କୌଣସି ପର୍ବତ ବା ନଦୀ ନାହିଁ । ଭାରତର ଆନ୍ତର୍ଜାତୀୟ ସୀମାରେଖା ମରୁଭୂମି, କୃଷିକ୍ଷେତ୍ର, ନଦୀ, ବରଫାଚ୍ଛାଦିତ ପର୍ବତଶ୍ରେଣୀ, ଘଞ୍ଚ ଜଙ୍ଗଲ ଘେରା ପର୍ବତମାଳା ଆଦି ବିଭିନ୍ନ ଭୂ-ରୂପ ଦେଇ ଗତିକରିଛି । ଭିନ୍ନ ଭିନ୍ନ ଭୂ-ରୂପ ମଧ୍ୟରେ ଥିବା ଆନ୍ତର୍ଜାତୀୟ ସୀମାରେଖାର ସୁରକ୍ଷା ବାସ୍ତବିକ କଷ୍ଟସାଧ୍ୟ । ତେଣୁ ଜଣେ ଭାରତୀୟ ସୈନିକକୁ ଅତ୍ୟନ୍ତ ପ୍ରତିକୂଳ ପରିବେଶ ମଧ୍ୟରେ ସଂଘର୍ଷ କରିବାକୁ ପଡ଼େ, ସୈନିକକୁ କେବେ ଅତ୍ୟନ୍ତ ଶୀତଳ ଅଞ୍ଚଳ ଗ୍ଲାସିୟର୍‌ରେ କର୍ତ୍ତବ୍ୟ କରିବାକୁ ପଡ଼େ । କେବେ ପୁଣି ମରୁଭୂମିର ଉତ୍ତପ୍ତ ବାଲିରେ ସୀମାକୁ ସୁରକ୍ଷାଦେବାକୁ ପଡ଼ିଥାଏ । ଆଉ କେତେବେଳେ ପୁଣି ତାକୁ ଉତ୍ତର



ଟିପ୍ପଣୀ

ପୂର୍ବାଞ୍ଚଳର ପ୍ରଚୁର ବର୍ଷା, ଘଞ୍ଚ ଜଙ୍ଗଲ ଅଂଚଳରେ କର୍ତ୍ତବ୍ୟ କରିବାକୁ ହୁଏ । ସୁତରାଂ ଭିନ୍ନ ଭିନ୍ନ ଭୂ-ରୂପ ମଧ୍ୟରେ ଗତି କରିଥିବା ପ୍ରତିକୂଳ ସୀମାରେଖାର ସୁରକ୍ଷା ପାଇଁ ଆମ ଦେଶକୁ କୋଟି କୋଟି ଟଙ୍କା ଖର୍ଚ୍ଚକରିବାକୁ ପଡ଼ିଥାଏ ।

- ଏସିଆ, ଆଫ୍ରିକା ଓ ଓସେନିଆ ମହାଦ୍ୱୀପ ମଧ୍ୟରେ ବିସ୍ତୀର୍ଣ୍ଣ ଭାରତ ମହାସାଗର ଶୀର୍ଷଦେଶରେ ଭାରତର ଅବସ୍ଥିତ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଏହି କାରଣ ଯୋଗୁଁ ପ୍ରଶାନ୍ତ ମହାସାଗର ଓ ଆଟ୍‌ଲାଣ୍ଟିକ୍ ମହାସାଗର ଦେଇ  ଅନ୍ୟ ମହାଦେଶଗୁଡ଼ିକ ସହ ସଂପର୍କ ସ୍ଥାପନ ସହଜ ହୋଇଛି ।
- ଭାରତୀୟ ଉପମହାଦେଶର ଏକ ମାତ୍ର ଦେଶ ଭାରତର ଭୂ-ସୀମା ଅନ୍ୟ ଦେଶଗୁଡ଼ିକ ସହ ମିଳିତ ହୋଇଛି ।
- ଆୟତନ ଦୃଷ୍ଟିରୁ ଏହା ପୃଥିବୀର 7ମ ବୃହତ୍ତମ ଓ ଜନସଂଖ୍ୟା ଦୃଷ୍ଟିରୁ 2 ୟ(ଚୀନ୍ ପ୍ରଥମ) ସ୍ଥାନ ଅଧିକାର କରିଛି ।
- ଏହାର ପୂର୍ବତମ ସୀମା ଓ ପଶ୍ଚିମତମ ସୀମା ମଧ୍ୟରେ ସମୟ ବ୍ୟବଧାନ ପ୍ରାୟତଃ 2 ଘଣ୍ଟା । ଏହି ବିଶାଳ ପାର୍ଥକ୍ୟକୁ ଦୂର କରିବାକୁ ୫2$\frac{1}{2}^0$ ପୂ. ଦ୍ରାଘିମା ସମୟକୁ ହାର ପ୍ରମାଣ ସମୟ ଭାବେ ଗ୍ରହଣ କରାଯାଇଛି ।

## ପାଠଗତ ପ୍ରଶ୍ନ ୧୬.୧

1. ଭାରତ ସହ ଭୂ-ସୀମା ସଂପର୍କ ଥିବା ଦେଶଗୁଡ଼ିକର ନାମ ଲେଖ ।

   ______________________________

2. କେଉଁ ଅକ୍ଷାଂଶ ଓ ଦ୍ରାଘିମା ମଧ୍ୟରେ ଭାରତ ଅବସ୍ଥିତ ?

   ______________________________

3. ଭାରତର ଦକ୍ଷିଣତମ ସ୍ଥାନର ନାମ କ'ଣ —

   (i) କନ୍ୟାକୁମାରୀ (ii) ରାମେଶ୍ୱରମ୍

   (iii) ଇନ୍ଦିରା ପଏଣ୍ଟ (iv) କାର୍ଭାହି

4. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଭାରତର ମଧ୍ୟନ୍ଦୀନ ରେଖା

   (i) $68^0 7'$ E (ii) $97^0$ $25'$ E (iii) $82^0 30'$ E (iv) $80^0$ E

5. ଭାରତର ପୂର୍ବତମ ଓ ପଶ୍ଚିମତମ ସ୍ଥାନର ସ୍ଥାନୀୟ ସମୟରେ ପାର୍ଥକ୍ୟ କେତେ ________

## 16.3 ପ୍ରାକୃତିକ ବିଭାଗ (Physiogeographic Divisions)

ଭାରତ ଏକ ପ୍ରାକୃତିକ ବିଭିନ୍ନତାର ଦେଶ । ଏଠାରେ ପ୍ରାୟତଃ ସବୁପ୍ରକାର ଭୂ-ରୂପ ଦେଖିବାକୁ ମିଳେ । ଭାରତର ସମୁଦାୟ ଅଞ୍ଚଳର ପ୍ରାୟ 29.3% ପର୍ବତ, 27.7% ମାଳଭୂମି ଓ 43% ସମତଳ ଅଞ୍ଚଳ ।



ଟିପ୍ପଣୀ

ଭାରତକୁ ମୁଖ୍ୟତଃ ୪ଗୋଟି ପ୍ରାକୃତିକ ଅଞ୍ଚଳରେ ବିଭକ୍ତ କରାଯାଏ :

1. ଉତ୍ତରସ୍ଥ ପର୍ବତମାଳା
2. ଉତ୍ତରସ୍ଥ ବିଶାଳ ସମତଳ ଭୂମି
3. ଉପଦ୍ୱୀପୀୟ ମାଳଭୂମି
4. ଉପକୂଳବର୍ତ୍ତୀ ସମତଳ ଅଂଚଳ ଓ ଦ୍ୱୀପପୁଞ୍ଜ

## 16.4 ଉତ୍ତରସ୍ଥ ପର୍ବତମାଳା :

ଉତ୍ତର କାଶ୍ମୀରର ମାଳଭୂମି ଓ ପର୍ବତ, ହିମାଳୟ ପର୍ବତଶ୍ରେଣୀ, ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ମଣିପୁର ଓ ମିଜୋରାମ୍‌ର ତ୍ରିପୁରା ସ ମେଘାଳୟ ପାହାଡ଼ ଆଦି ଏହି ଅଂଚଳ ଅନ୍ତର୍ଭୁକ୍ତ । ଏ ସମସ୍ତକୁ ମୁଖ୍ୟତଃ ୩ ଭାଗରେ ବିଭକ୍ତ କରାଯାଏ ।

(i) ହିମାଳୟ

(ii) ଟ୍ରାନସ୍ ହିମାଳୟ

(ii) ପୂର୍ବାଚଳ

**(i) ହିମାଳୟ :**

ଏହା ପୃଥିବୀର ସର୍ବୋଚ୍ଚ ପର୍ବତଶ୍ରେଣୀ । ଏହା ଏକ ଚାପ ସଦୃଶ୍ୟ ଭାରତର ଉତ୍ତର ସୀମାରେ ପଶ୍ଚିମରୁ ପୂର୍ବକୁ 2500 କି.ମି ପର୍ଯ୍ୟନ୍ତ ବ୍ୟାପୀ ରହିଛି । ଜାମ୍ମୁ ଓ କାଶ୍ମୀରରେ ସିନ୍ଧୁନଦୀର ଗଣ୍ଡଠାରୁ ଅରୁଣାଚଳ ପ୍ରଦେଶରେ ବ୍ରହ୍ମପୁତ୍ରର ଗଣ୍ଡ ପର୍ଯ୍ୟନ୍ତ ଏହା ବ୍ୟାପ୍ତ । ଏହାର ପ୍ରସ୍ଥ ପୂର୍ବରେ 150 କି.ମି ଓ ପଶ୍ଚିମରେ 400 କି.ମି । ଏହି ପର୍ବତମାଳା ପ୍ରାୟତଃ 5 ଲକ୍ଷ ବର୍ଗ କି.ମି ପରିମିତ ଅଂଚଳକୁ ବ୍ୟାପିଛି । ଏହି ପର୍ବତଶ୍ରେଣୀ 3 ଭାଗରେ ବିଭକ୍ତ । ଏହି ପର୍ବତର ମଝିରେ ମଝିରେ ଗଭୀର ଉପତ୍ୟକା ଓ ମାଳଭୂମି ରହିଛି । ଭାରତ ଆଡ଼କୁ ମୁହଁ କରିଥିବା ହିମାଳୟର ଦକ୍ଷିଣାଂଶ ଢ଼ାଲୁ ଓ ତିବ୍ବତ ଆଡ଼କୁ ଥିବା ଅଂଚଳ ଅପେକ୍ଷାକୃତ କମ୍ ଢ଼ାଲୁ । ପଶ୍ଚିମବଙ୍ଗ ଓ ଆସାମର ସମତଳ ଅଂଚଳରୁ ଏହି ପର୍ବତଶ୍ରେଣୀ ମୁଣ୍ଡ ଟେକିବା ପରି ଜଣାପଡ଼େ । ତେଣୁ ହିମାଳୟର ଦୁଇ ଉଚ୍ଚତମ ଶୃଙ୍ଗ ଏଭରେଷ୍ଟ ଓ କାଞ୍ଚନଜଙ୍ଘା (ନେପାଳରେ ଅବସ୍ଥିତ)ଏହି ସମତଳ ଅଂଚଳ ଠାରୁ ବେଶୀ ଦୂରରେ ନୁହେଁ । ଅନ୍ୟପକ୍ଷରେ ହିମାଳୟର ପଶ୍ଚିମାଂଶ ସମତଳ ଅଂଚଳରୁ ହିଁ ଉଦ୍ଭବ । ତେଣୁ ଏହି ଅଂଶର ଉଚ୍ଚ ପର୍ବତ ଶୃଙ୍ଗଗୁଡ଼ିକ ସମତଳ ଅଂଚଳଠାରୁ ବହୁ ଦୂରରେ ଏବଂ ଏହି ସମତଳ ଅଞ୍ଚଳ ଓ ପର୍ବତ ଶୃଙ୍ଗ ମଧ୍ୟରେ ଅନେକ ଗୁଡ଼ିଏ ପର୍ବତ ଅବସ୍ଥିତ । ଏହି ଅଞ୍ଚଳରେ ଥିବା ଗିରିଶୃଙ୍ଗ ଯଥା ନଙ୍ଗାପର୍ବତ, ନନ୍ଦାଦେବୀ, ବଦ୍ରୀନାଥ ଆଦି ସମତଳ ଅଂଚଳ ଠାରୁ ବହୁ ଦୂରରେ ରହିଛି ।

ହିମାଳୟ ପର୍ବତ ଶ୍ରେଣୀରେ ସମାନ୍ତର ଭାବେ ତିନିଗୋଟି ପର୍ବତଶ୍ରେଣୀ ଦେଖିବାକୁ ମିଳେ । ସେଗୁଡ଼ିକ ଯଥାକ୍ରମେ

1. ହିମାଦ୍ରୀ
2. ହିମାଚଳ
3. ସିୱାଲିକ୍

**(a) ହିମାଦ୍ରୀ (The Greater Himalaya) :** ଏହା ହିମାଳକୟ ପର୍ବତଶ୍ରେଣୀର ଉତ୍ତରତମ ଓ ସର୍ବୋଚ୍ଚ ପର୍ବତଶ୍ରେଣୀ । ହିମାଳୟର ଏହା ଏକମାତ୍ର ପର୍ବତ ଶ୍ରେଣୀ ଯାହା ପଶ୍ଚିମରୁ ପୂର୍ବକୁ ଅବିଚ୍ଛନ୍ନ ଭାବେ ବ୍ୟାପିଛି ।

ମୋଡ୍ୟୁଲ-୬
ଭାରତର ପ୍ରାକୃତିକ ସ୍ଥିତି



ଟିପ୍ପଣୀ

ଏହି ପର୍ବତଶ୍ରେଣୀର ଅଭ୍ୟନ୍ତର ଗ୍ରାନାଇଟ୍ ଶିଳାରେ ତିଆରି ଓ ବାହ୍ୟାଂଶ କିଛି ପରିମାଣରେ ଅବକ୍ଷିପ୍ତ ଓ ରୂପାନ୍ତରିତ ଶିଳାରେ ଗଠିତ । ଏହି ପର୍ବତ ଶ୍ରେଣୀ ପଶ୍ଚିମରେ ନଙ୍ଗା ପର୍ବତ ଶୃଙ୍ଗ (୪126 ମି.)ଠାରୁ ପୂର୍ବରେ ନାମଚବରୁଆ ଶୃଙ୍ଗ (7756 ମି.) ପର୍ଯ୍ୟନ୍ତ ବିସ୍ତୃତ । ପୃଥିବୀର ସର୍ବୋଚ୍ଚ ପର୍ବତ ଶୃଙ୍ଗ ଏଭରେଷ୍ଟ (୪୪4 ମି.) ଏହିଠାରେ ଅବସ୍ଥିତ । ଏତଦ୍ ବ୍ୟତୀତ ସମୁଦ୍ର ପତ୍ତନ ଠାରୁ ପ୍ରାୟ ୪000 ମିଟର ଉଚ୍ଚତାରେ ଥିବା କାଞ୍ଚନଜଂଘା, ମକାଲୁ, ଧଉଳଗିରି, ଅନପୂର୍ଣ୍ଣା ଆଦି ଜନଶୃଙ୍ଗ ହିମାଦ୍ରୀରେ ଅବସ୍ଥିତ ।

ହିମାଦ୍ରୀ ବର୍ଷସାରା ବରଫାବୃତ୍ତ ରହେ । ଏଠାରେ ଛୋଟ ବଡ଼ ଅନେକ ହିମବାହ ଦେଖାଯାଏ । ଗ୍ରୀଷ୍ମଋତୁରେ (ଗ୍ଲାସିୟର) ହିମବାହ ତରଳି ଉତ୍ତର ଭାରତର ନଦୀଗୁଡ଼ିକୁ ଚିରସ୍ରୋତା କରିଥାଏ । ଗଙ୍ଗୋତ୍ରୀ ଓ ଯମୁନେତ୍ରୀ ଏ ଧରଣର ୨ଟି ହିମବାହ ଯେଉଁଠାରୁ ଗଙ୍ଗା ଓ ଯମୁନା ଉତ୍ପତ୍ତି ଲାଭ କରିଛି । ଯୋଜିଲା, ସିପ୍‌କିଲା, ନିତି, ନଥୁଲା ଆଦି ସଂକୀର୍ଣ୍ଣ ଗିରିପଥ ଏ ଅଞ୍ଚଳରେ ଦେଖାଯାଏ ।




*ଚିତ୍ର : ୧୬.୧ ଭାରତର ପ୍ରାକୃତିକ ବିଭାଗ*

**(b) ହିମାଚଳ (ମଧ୍ୟ ହିମାଳୟ)(Lesser or Middle Himalaya) :**

ହିମାଦ୍ରୀର ଦକ୍ଷିଣକୁ ହିମାଚଳ ଅବସ୍ଥିତ । ଏହାର ପ୍ରସ୍ଥ 60 ରୁ ୫0 କି.ମି ଏବଂ ଉଚ୍ଚତା ସ୍ଥଳବିଶେଷରେ 1000 ମି. ରୁ 4500 ମି. ପର୍ଯ୍ୟନ୍ତ । ହିମାଚଳରେ ଦେଖାଯାଉଥିବା କେତେକ ପର୍ବତଶୃଙ୍ଗର ଉଚ୍ଚତା 5000 ମି. ରୁ ମଧ୍ୟ ଅଧିକ । ଏ ପର୍ବତ ଶ୍ରେଣୀ ନିରବଚ୍ଛିନ୍ନ ନୁହେଁ । ପ୍ରବଳ ଚାପ ଓ ଧକ୍‌କା ଫଳରେ ହିମାଚଳର ପଥର ରୂପାନ୍ତରିତ ହୋଇଛି । ତେଣୁ ଏହା ମୁଖ୍ୟତଃ ରୂପାନ୍ତରିତ ଶିଳାରେ ଗଠିତ । ଏହି ପର୍ବତଶ୍ରେଣୀର ପୂର୍ବପଟର ସ୍ୱଳ୍ପ ଢ଼ାଲୁ ଅଂଚଳ ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ । ମାତ୍ର ଦକ୍ଷିଣାଭିମୁଖୀ ଢ଼ାଲୁ ଅଂଚଳ ତୀର୍ଯ୍ୟକ ହେତୁ ଚାଷବାସ କରାଯାଏ ନାହିଁ । କିନ୍ତୁ ଉତ୍ତରାମୁଖୀ ସ୍ୱଳ୍ପ ଢ଼ାଲୁ ଅଞ୍ଚଳରେ ଘଞ୍ଚ ଭାବେ ଚାଷବାସ କରାଯାଏ । ଜାମ୍ମୁ କାଶ୍ମୀରରେ ପୀରପାଞ୍ଜାଲ୍ ଓ ହିମାଚଳ ପ୍ରଦେଶରେ ଧଉଳାଧର ଏହି ପର୍ବତ ଶ୍ରେଣୀର ସ୍ଥାନୀୟ ନାମ । ସୁନ୍ଦର କାଶ୍ମୀର ଉପତ୍ୟକା ପୀରପାଞ୍ଜାଲ୍ ଓ ହିମାଦ୍ରୀ ମଧ୍ୟରେ ଅବସ୍ଥିତ । ପ୍ରସିଦ୍ଧ କୁଲୁ, କାଙ୍ଗ୍ରା ଆଦି ଉପତ୍ୟକା ହିମାଚଳରେ ରହିଛି ଅଧିକାଂଶ ଗ୍ରୀଷ୍ମନିବାସ, ପାର୍ବତୀୟ ସହର ଏଠାରେ ଅବସ୍ଥିତ । ସିମଲା, ନୈନିତାଲ, ମସୌରୀ, ଆଲ୍‌ମୋରା, ଦାର୍ଜିଲିଂ ନୈନିତାଲ୍ ନିକଟବର୍ତ୍ତୀ ଅଂଚଳରେ ବହୁସଂଖ୍ୟକ ଖୁବ୍ ସୁନ୍ଦର ସୁନ୍ଦର ହ୍ରଦ ରହିଛି ।

**(c) ସିଓ୍ୱାଲିକ୍ (Outer Himalaya):**

ହିମାଳୟ ପର୍ବତଶ୍ରେଣୀର ସବୁଠାରୁ ଦକ୍ଷିଣରେ ଥିବା ପର୍ବତଶ୍ରେଣୀକୁ ସିଓ୍ୱାଲିକ୍ କୁହାଯାଏ । ସିଓ୍ୱାଲିକ୍ ଗଠିତ ହେବାର ବହୁ ପୂର୍ବରୁ ହିମାଚଳ ଓ ହିମାଦ୍ରୀ ସୃଷ୍ଟି ହୋଇଛି । ହିମାଦ୍ରୀ ଓ ହିମାଚଳରୁ ପ୍ରବାହିତ ନଦୀମାନଙ୍କ ଦ୍ୱାରା ଆନୀତ ବହୁପରିମାଣର ବାଲି, ମାଟି, ଗୋଡ଼ି ତୀବ୍ର ସଂକୁଚିତ ହେଉଥିବା ଟେଥିସ୍ ସାଗରେ ଜମା ହେଉଥିଲା । ସମୟକ୍ରମେ ଭୂ-ଚଳନ ଯୋଗୁଁ ଜମା ହୋଇଥିବା ବାଲି, ମାଟି, ଗୋଡ଼ି ଆଦି ଅବକ୍ଷିପ୍ତ ଶିଳାରେ ପରିଣତ ହୋଇ ସ୍ୱଳ୍ପ ସଂଘଟିତ ସିଓ୍ୱାଲିକ୍ ଶ୍ରେଣୀ ସୃଷ୍ଟି ହୋଇଛି । ହିମାଦ୍ରୀ ଓ ହିମାଚଳ ତୁଳନାରେ ସିଓ୍ୱାଲିକ୍ କମ୍ ଉଚ୍ଚତା ବିଶିଷ୍ଟ । ପ୍ରାୟତଃ 600 ମି. ମାତ୍ର । ହିମାଚଳ ଓ ସିଓ୍ୱାଲିକ୍ ଶ୍ରେଣୀର ମଧ୍ୟଭାଗରେ ଅନେକ ଗୁଡ଼ିଏ ପ୍ରଶସ୍ତ ଉପତ୍ୟକା ରହିଛି । ଏଗୁଡ଼ିକୁ 'ଡୁନ' କୁହାଯାଏ । ଡେରାଡୁନ୍ ଏହି ଧରଣର ଏକ 'ଡୁନ୍' ।

**(ii) ଟ୍ରାନ୍ସ୍ ହିମାଳୟ :**

ଜାମ୍ମୁ ଓ କାଶ୍ମୀରରେ ହିମାଦ୍ରୀର ଉତ୍ତରକୁ କେତେଗୁଡ଼ିଏ ପର୍ବତ ଶ୍ରେଣୀ ରହିଛି । ଏହି ପର୍ବତଶ୍ରେଣୀ ହିମାଦ୍ରୀର ଉତ୍ତରରେ ସମାନ୍ତ ଭାବେ ଦଣ୍ଡାୟମାନ । ଏହାକୁ ଜସ୍କାର ପର୍ବତଶ୍ରେଣୀ କୁହାଯାଏ । ଜସ୍କାର ପର୍ବତଶ୍ରେଣୀର ଉତ୍ତରାଂଶକୁ ଲାଦାଖ୍ ଶ୍ରେଣୀ କୁହାଯାଏ । ଏହି ଦୁଇ ପର୍ବତ ଶ୍ରେଣୀ ମଧ୍ୟଦେଇ ସିନ୍ଧୁନଦୀ ଉତ୍ତର ପୂର୍ବ ଆଡ଼କୁ ପ୍ରବାହିତ ହୋଇଛି । କେତେକ ବିଦ୍ୱାନ୍ ଜସ୍କାର ଓ ଲାଦାଖ୍ ପର୍ବତଶ୍ରେଣୀରେ ହିମାଦ୍ରୀରେ ଅଂଶ ଭାବେ ବିବେଚନା କରନ୍ତି ଓ ଏହାକୁ କାଶ୍ମୀର ହିମାଳୟ ସହ ସମ୍ମିଳିତ କରନ୍ତି । ଲାଦାଖ୍ ପର୍ବତଶ୍ରେଣୀର ଉତ୍ତରକୁ କାରାକୋରମ୍ ପର୍ବତ ଅବସ୍ଥିତ । ସଂସ୍କୃତ ସାହିତ୍ୟରେ କାରାକୋରମ୍‌ର ନାମ କୃଷ୍ଣଗିରି, K2 (୫611ମି.) ଏହି ପର୍ବତର ସର୍ବୋଚ୍ଚ ଶୃଙ୍ଗ । $K_2$ ପୃଥିବୀର ୨ୟ ଉଚ୍ଚତମ ପର୍ବତଶୃଙ୍ଗ ।

ଜାମୁ ଓ କାଶ୍ମୀର ଉତ୍ତର-ପୂର୍ବ ଅଂଚଳରେ ଲାଦାଖ ମାଳଭୂମି ଅବସ୍ଥିତ । ଏହି ମାଳଭୂମି ଆମଦେଶର ଅତି ଉଚ୍ଚ, ଶୁଷ୍କ ଓ ଦୁର୍ଗମ ଅଂଚଳ ଅଟେ ।

**(iii) ପୂର୍ବାଞ୍ଚଳ :** ବ୍ରହ୍ମପୁତ୍ର ଗଣ୍ଡର ଅପରପାର୍ଶ୍ୱରେ ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଥିବା ପାହାଡ଼ ଗୁଡ଼ିକର ସମ୍ମିଳିତ ନାମ ପୂର୍ବାଚଳ । ସମୁଦ୍ର ପତ୍ତନ ଠାରୁ ଏ ଅଂଚଳର ହାରାହାରି ଉଚ୍ଚତା 500 ମି.ରୁ 3000 ମି. । ଏହି ପର୍ବତଗୁଡ଼ିକ ମୁଖ୍ୟତଃ ଦକ୍ଷିଣ ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ମିଜୋରାମ୍, ମେଘାଳୟ ଓ ତ୍ରିପୁରାରେ ରହିଛି । ମିସ୍‌ମୀ ପାଟ୍‌କୋଇବୁମ୍, ନାଗା, ମଣିପୁର, ମିଜୋ(ଲୁସାଇ) ଏବଂ ତ୍ରିପୁର ଆଦି ଏ ଅଂଚଳର ମୁଖ୍ୟ ପର୍ବତ । ମେଘାଳୟ ମାଳଭୂମି ମଧ୍ୟ ଉତ୍ତର-ପୂର୍ବ ପର୍ବତ ମାନଙ୍କର ଅଂଶ ବିଶେଷ । ଗାଂରୋ, ଖାସୀ, ଜୟନ୍ତିଆ ଆଦି ପାହାଡ଼ ଏହି ମାଳଭୂମି ଅନ୍ତର୍ଗତ । ଗଠନଗତ ଦୃଷ୍ଟିରୁ ଏ ଅଂଚଳ ମଧ୍ୟ ଭାରତୀୟ ଉପଦ୍ୱୀପର ଅଂଶ ।

- ହିମାଳୟ ପର୍ବତ ଶ୍ରେଣୀ ମୁଖ୍ୟତଃ ହିମାଦ୍ରୀ, ହିମାଚଳ, ସିୱାଲିକ୍‌ରେ ବିଭକ୍ତ ।
- ଜାସ୍କାର, ଲାଦାଖ, କାରାକୋରମ୍ ସହ ଏମାନଙ୍କର ବିସ୍ତୃତ ଟ୍ରାନ୍‌ସ ହିମାଳୟ ଅନ୍ତର୍ଗତ ।
- ମିସ୍‌ମୀ, ପାତକୋଇବୁମ୍, ନାଗା, ମଣିପୁର, ମିଜୋ, ତ୍ରିପୁର ଆଦି ପୂର୍ବାଚଳର ମୁଖ୍ୟ ପର୍ବତ ।

## ପ୍ରଶ୍ନାବଳୀ ୧୬.୨

1. (i) ପୃଥିବୀର ସର୍ବୋଚ୍ଚ ପର୍ବତଶୃଙ୍ଗର ନାମ କ'ଣ ?

(a) $K_2$ (b) କାଞ୍ଚନ ଜଂଘା

(c) ମାଉଣ୍ଟ ଏଭରେଷ୍ଟ (d) ନାମଚା ବରେୱା

____________________

(ii) ଭାରତର ସର୍ବୋଚ୍ଚ ପର୍ବତ ଶୃଙ୍ଗର ନାମ କ'ଣ ?

(a) ଅନ୍ନପୂର୍ଣ୍ଣା (b) ନଙ୍ଗା ପର୍ବତ

(c) $K_2$ (d) ନନ୍ଦାଦେବୀ

____________________

2. ହିମାଳୟ ଅନ୍ତର୍ଗତ ତିନୋଟି ମୁଖ୍ୟ ପର୍ବତଶ୍ରେଣୀର ନାମ ଲେଖ ।

(୧) ________ (୨) ________ (୩) ________

3. ସଂସ୍କୃତ ସାହିତ୍ୟରେ କେଉଁ ପର୍ବତକୁ 'କୃଷ୍ଣଗିରି' କୁହାଯାଇଛି ?

____________________

4. ତିବତ୍ତରେ ପୂର୍ବ ବିସ୍ତୃତି ସହ ଜାମୁ-କାଶ୍ମୀରରେ ଟ୍ରାନସ୍ ହିମାଳୟ ମୁଖ୍ୟ ପର୍ବତଶ୍ରେଣୀ ଗୁଡ଼ିକର ନାମ ଲେଖ ।

____________________

## 16.5 ଉତ୍ତରସ୍ଥ ବିଶାଳ ସମତଳ ଅଂଚଳ/ଭୂମି :

ଉତ୍ତରରେ ହିମାଳୟ ଓ ଦକ୍ଷିଣରେ ଦାକ୍ଷିଣାତ୍ୟ ମାଳଭୂମି ମଧ୍ୟବର୍ତ୍ତୀ ଏହି ବିଶାଳ ସମତଳ ଭୂମି ପଶ୍ଚିମରୁ ପୂର୍ବକୁ ବିସ୍ତୃତ । ଏହା ପଶ୍ଚିମରେ ରାଜସ୍ଥାନର ଶୁଷ୍କ ଓ ଅର୍ଦ୍ଧଶୁଷ୍କ ଅଂଚଳ ଠାରୁ ପୂର୍ବରେ ବ୍ରହ୍ମପୁତ୍ର ଉପତ୍ୟକା



ଟିପ୍ପଣୀ

ପର୍ଯ୍ୟନ୍ତ ବ୍ୟାପିଛି । ଏହାର କ୍ଷେତ୍ରଫଳ 7ଲକ୍ଷ ବର୍ଗ କି.ମି. ଠାରୁ ଅଧିକ । ଏହି ଅଂଚଳ ଅତ୍ୟନ୍ତ ଉର୍ବର । ଦେଶର ମୋଟ୍ ଜନସଂଖ୍ୟାର ବହୁଭାଗ ଲୋକ ଏହି ଅଂଚଳର ଅସଂଖ୍ୟ ଗ୍ରାମ ଓ ବଡ଼ ବଡ଼ ସହରରେ ବାସ କରନ୍ତି ।

ହିମାଳୟରୁ ପ୍ରବାହିତ ଓ ଦାକ୍ଷିଣାତ୍ୟ ମାଳଭୂମିରୁ ପ୍ରବାହିତ ନଦୀମାନଙ୍କ ଦ୍ୱାରା ଆନୀତ ପଟୁମାଟିରେ ଏହି ସମତଳ ଭୂମି ଗଠିତ । ନିୟୁତ ନିୟୁତ ବର୍ଷଧରି ନଦୀମାନେ ପଟୁମାଟି ପରିବାହିତ କରି ଏହି ଅଂଚଳରେ ଜମା କରିଛନ୍ତି । ତେଣୁ ଏହି ଅଂଚଳରେ ବହୁତ ଗଭୀର ପର୍ଯ୍ୟନ୍ତ ପଟୁମାଟି ରହିଛି । କେତେକ ଅଂଚଳରେ ଏହାର ଗଭୀରତା 2000 ରୁ 3000 ମି. ପର୍ଯ୍ୟନ୍ତ ଦେଖାଯାଏ ।

ଏହି ଅଂଚଳ ଅତ୍ୟନ୍ତ ସମତଳ । ସମୁଦ୍ର ପତ୍ତନ ଠାରୁ ଏହାର ଉଚ୍ଚତା ପ୍ରାୟ ୨୦୦ମିଟର । ସମୁଦ୍ର ଆଡ଼କୁ ଏହା ଅତି ଅଳ୍ପ ଗଡ଼ାଣିଆ ହେତୁ ଏହି ଅଂଚଳରେ ନଦୀଗୁଡ଼ିକ ଖୁବ୍ ଧିରେ ପ୍ରବାହିତ ହୁଅନ୍ତି । ବାରଣାସୀ ଠାରୁ ଗଙ୍ଗାନଦୀର ମୁହାଣ ପର୍ଯ୍ୟନ୍ତ ଢ଼ାଲୁ ମାତ୍ର କିଲୋମିଟର ପିଛା 10 c.m. । ଆମ୍ବାଲାର ନିକଟବର୍ତ୍ତୀ ଭୂମି ଅପେକ୍ଷାକୃତ ଉଚ୍ଚା । ତେଣୁ ଏହାର ପୂର୍ବରେ ଗଙ୍ଗା ଓ ପଶ୍ଚିମରେ ସତଲେଜ୍ ନଦୀ ଶଯ୍ୟା ମଧ୍ୟରେ ଜଳ ବିଭାଜିକ ରୂପେ କାର୍ଯ୍ୟକରେ । ଏହି ଜଳ ବିଭାଜିକର ପୂର୍ବପଟେ ଥିବା ନଦୀଗୁଡ଼ିକ ବଙ୍ଗୋପସାଗରକୁ ପ୍ରବାହିତ ହୁଅନ୍ତି ଓ ପଶ୍ଚିମପଟ ନଦୀଗୁଡ଼ିକ ଆରବ ସାଗରରେ ପ୍ରବାହିତ ହୋଇଛନ୍ତି ।

ଏହି ସମତଳ ଭୂମିର ଅପେକ୍ଷାକୃତ ଉଚ୍ଚ ଅଞ୍ଚଳକୁ 'ଭାଙ୍ଗର' କୁହାଯାଏ । ଏହି ଅଞ୍ଚଳରେ ନଦୀର ବନ୍ୟାଜଳ ଆଦୌ ପହଞ୍ଚିପାରେ ନାହିଁ । ଅପରପକ୍ଷେ ଖଦର ସମତଳ ଭୂମିର ଅପେକ୍ଷାକୃତ ନୀଚ୍ଚା ଭାଗ । ପ୍ରତିବର୍ଷ ବନ୍ୟାଜଳ ଜଳ ଦ୍ୱାରା ଏ ଅଞ୍ଚଳ ପ୍ଲାବିତ ହୁଏ । ପଞ୍ଜାବରେ 'ଖଦର'ର ନାମ 'ବେଟ୍' । ସିୱାଲିକ୍ ପର୍ବତଶ୍ରେଣୀ ସହିତ ପଞ୍ଜାବ, ହରିୟାନା ଓ ଉତ୍ତର ପ୍ରଦେଶରେ 10-15 କି.ମି ବ୍ୟାପୀ ସମତଳ ଅଞ୍ଚଳକୁ 'ଭାବର' କହନ୍ତି । ଭାବର ଗୋଡ଼ିଯୁକ୍ତ ମୃତ୍ତିକା ଅଟେ । ଗ୍ରୀଷ୍ମଋତୁରେ ଛୋଟ ଛୋଟ ନଦୀନାଳ ଭାବରରେ ଭୂମିଗତ ହୋଇଥାଆନ୍ତି । ଏହାର ଦକ୍ଷିଣକୁ ଯେଉଁଠି ଭୂମିଗତ ଜଳ ପ୍ରବାହ ପୁନର୍ବାର ଭୂ-ପୃଷ୍ଠ ଉପରେ ପରିଲକ୍ଷିତ ହୁଅନ୍ତି, ଏପରି ଏକ ସନ୍ତସନ୍ତିଆ ଅଞ୍ଚଳକୁତରାଇ କୁହାଯାଏ । ଏହାର ପ୍ରସ୍ଥ ପ୍ରାୟ 15-30 KM. ଏହି ଅଂଚଳର ଅଧିକାଂଶ କୃଷି ଉପଯୋଗୀ ଜମିରେ ପରିଣତ କରାଯାଇଛି ।

ଉତ୍ତରସ୍ଥ ବିଶାଳ ସମତଳ ଅଂଚଳକୁ ମୁଖ୍ୟତଃ ୪ଭାଗରେ ବିଭକ୍ତ କରାଯାଏ । ଯଥା :(i) ପଶ୍ଚିମସ୍ଥ ସମତଳ ଅଞ୍ଚଳ (ii) ଉତ୍ତର କେନ୍ଦ୍ରୀୟ ସମତଳ ଭୂମି (iii) ପୂର୍ବ ସମତଳ ଅଞ୍ଚଳ (iv) ବ୍ରହ୍ମପୁତ୍ର ସମତଳ ଭୂମି

(i) **ପଶ୍ଚିମସ୍ଥ ସମତଳ ଭୂମି :** ରାଜସ୍ଥାନ ମରୁଭୂମି ଓ ଆରାବଳୀ ପର୍ବତ ସଂଲଗ୍ନ ଭାଙ୍ଗର ଅଂଚଳକୁ ପଶ୍ଚିମସ୍ଥ ସମତଳ ଭୂମି କୁହାଯାଏ । ମରୁଭୂମିର କିଛିଅଂଶ ପଥର ଓ କିଛି ଅଂଶ ବାଲୁକାମୟ । ପ୍ରାଚୀନ ଯୁଗରେ ଚିରସ୍ରୋତା ସରସ୍ୱତୀ ଓ ଦୃଶଦବତୀ ଏହି ଅଂଚଳରେ ପ୍ରବାହିତ ହେଉଥିଲେ । ବିକାନିର୍‌ର ଉର୍ବର ସମତଳ ଅଞ୍ଚଳ ମଧ୍ୟ ଏହାର ଅନ୍ତର୍ଗତ । ଲୁନୀ ନଦୀ ଏହି ଅଂଚଳରେ ପ୍ରବାହିତ ହୋଇ କଚ୍ଛ ଉପସାଗରରେ ପଡ଼ିଅଛି । ପ୍ରସିଦ୍ଧ ଲୁଣି ଜଳପୂର୍ଣ୍ଣ ସମ୍ବର ହ୍ରଦ ଏହି ଅଞ୍ଚଳରେ ଅବସ୍ଥିତ ।

(ii) **ଉତ୍ତର କେନ୍ଦ୍ରୀୟ ସମତଳଭୂମି :** ପଞ୍ଜାବ, ହରିଆନା, ଉତ୍ତର ପ୍ରଦେଶରେ ଏହି ସମତଳ ଭୂମି ରହିଛି । ପଞ୍ଜାବ ଓ ହରିଆନାରେ ଥିବା ଏହି ଅଞ୍ଚଳ ସତଲେଜ୍, ବେୟାସ୍ ଓ ରବି ନଦୀ ଦ୍ୱାରା ଆନୀତ ପଟୁମାଟିରେ ଗଠିତ । ଏହା ଅତ୍ୟନ୍ତ ଉର୍ବର ଅଂଚଳ । ଗଙ୍ଗା, ଯମୁନା, ରାମଗଙ୍ଗା, ଘାଗ୍ରା ଓ ଗଣ୍ଡକ ଆଦି ନଦୀ ଦ୍ୱାରା ପରିବାହିତ ପଟୁମାଟିରେ ଉତ୍ତର ପ୍ରଦେଶର ସଂଲଗ୍ନ ସମତଳ ଅଂଚଳ ଗଠିତ । ଏହି ଅଂଚଳ ମଧ୍ୟ ଅତ୍ୟନ୍ତ ଉର୍ବର ଓ ଭାରତୀୟ ସଭ୍ୟତା ଓ ସଂସ୍କୃତିର ଜନ୍ମସ୍ଥଳୀ ।





**(iii)** **ପୂର୍ବ ସମତଳ ଭୂମି :** ବିହାର ଓ ପଶ୍ଚିମ ବଙ୍ଗ ଅନ୍ତର୍ଗତ ମଧ୍ୟଗଙ୍ଗା ଓ ନିମ୍ନଗଙ୍ଗା ଉପତ୍ୟକା ଏହି ସମତଳ ଭୂମି ଅନ୍ତର୍ଗତ । ବିହାରରେ ଗଙ୍ଗାନଦୀ ଏହି ସମତଳ ଭୂମିର ମଧ୍ୟଭାଗରେ ପ୍ରବାହିତ । ଘାଗ୍ରା, କୋଶୀ ଗଣ୍ଡକ ଆଦି ନଦୀ ଉତ୍ତର ପଟୁ ଆସି ଏଠାରେ ଗଙ୍ଗାନଦୀ ସହ ମିଳିତ ହୋଇଛନ୍ତି ଓ ଦକ୍ଷିଣ ପଟୁ ସୋନ୍ ନଦୀ ମଧ୍ୟ ଏଠାରେ ମିଳିତ ହୋଇଛି । ପଶ୍ଚିମବଙ୍ଗରେ ଥିବା ଏହି ସମତଳ ଭୂମିର ଅଂଶ ହିମାଳୟର ପାଦଦେଶରୁ ବଙ୍ଗୋପସାଗର ପର୍ଯ୍ୟନ୍ତ ବିସ୍ତୃତ । ଏଠାରେ ଏ ଅଞ୍ଚଳ ବହୁତ ଓସାରିଆ । ଏହାର ଦକ୍ଷିଣ ଭାଗ ତ୍ରିକୋଣ ଭୂମି ବା ଡ଼େଲଟା ଅଞ୍ଚଳ । ଏହି ତ୍ରିକୋଣ ଭୂମି ଅଂଚଳରେ ଗଙ୍ଗା ଶାଖା ପ୍ରଶାଖାରେ ପରିଣତ ହୋଇଛି । ହୁଗୁଳୀ ଗଙ୍ଗାର ଏକ ମୁଖ୍ୟ ଶାଖାନଦୀ । ଏହି ଅଞ୍ଚଳ ଅତ୍ୟଧିକ ଉର୍ବର ଓ ବୃଷ୍ଟିବହୁଳ ଅଟେ ।

**(iii)** **ବ୍ରହ୍ମପୁତ୍ର ସମତଳ ଭୂମି :** ଉତ୍ତରସ୍ଥ ବିଶାଳ ସମତଳ ଅଂଚଳର ଉତ୍ତର ପୂର୍ବ ଅଂଶ ଆସାମ ଅବସ୍ଥିତ । ବ୍ରହ୍ମପୁତ୍ର ଓ ଏହାର ଉପନଦୀ ମାନଙ୍କ ଦ୍ୱାରା ଆନୀତ ପଟୁମାଟିରେ ଏହି ଅଂଚଳ ଗଠିତ । ବ୍ରହ୍ମପୁତ୍ର ଏକ ବନ୍ୟା ପ୍ରବଣ ନଦୀ । ବନ୍ୟା ସମୟରେ ବନ୍ୟା ଜଳ ବହୁଦୂର ପର୍ଯ୍ୟନ୍ତ ମାଡ଼ିଥାଏ । ବନ୍ୟାପରେ ନଦୀ ତାର ଗତିପଥ ପରିବର୍ତ୍ତନ କରିଥାଏ । ଏହା ଫଳରେ ନଦୀର ଗତିପଥରେ ଅନେକ ଦ୍ୱୀପ ସୃଷ୍ଟି ହୋଇଛି । 'ମାଜୁଲି' (1250 ବର୍ଗ କି.ମି.) ବ୍ରହ୍ମପୁତ୍ର ନଦୀରେ ଥିବା ପୃଥିବୀର ସବୁଠାରୁ ବଡ଼ ନଦୀଦ୍ୱୀପ । ଏହି ସମତଳ ଅଂଚଳ ମଧ୍ୟ ଅତ୍ୟନ୍ତ ଉର୍ବର । ଏହି ସମତଳ ଭୂମିର ତିନିପାର୍ଶ୍ୱ ପାହାଡ଼ । ବାଂଲାଦେଶ ଏହି ସମତଳ ଭୂମିରେ ଅବସ୍ଥିତ । ଗଙ୍ଗା, ବ୍ରହ୍ମପୁତ୍ର ଓ ଏମାନଙ୍କର ଶାଖା ନଦୀ ଦ୍ୱାରା ଗଠିତ ତ୍ରିକୋଣ ଭୂମିରେ ବାଂଲାଦେଶ ଅବସ୍ଥିତ ।

- ହିମାଳୟ ଓ ଦାକ୍ଷିଣାତ୍ୟ ମାଳଭୂମିରୁ ପ୍ରବାହିତ ନଦୀମାନଙ୍କ ଦ୍ୱାରା ଆନୀତ ପଟୁମାଟିରେ ଏ ଅଞ୍ଚଳ ଗଠିତ ।
- ଏହା ଉଚ୍ଚାବଚ୍ଚ ବିହୀନ ଏକ ସମପ୍ରାୟ ଭୂମି ।
- ଏହି ଅଞ୍ଚଳ ଦୁଇ ପ୍ରକାରର ଭାଙ୍ଗର ଓ ଖାଦର
- ଉତ୍ତରସ୍ଥ ବିଶାଳ ସମତଳ ଅଞ୍ଚଳ ମୁଖ୍ୟତଃ ୪ଭାଗରେ ବିଭକ୍ତ :(i) ପଶ୍ଚିମସ୍ଥ ସମତଳ ଭୂମି (ii) ଉତ୍ତର-କେନ୍ଦ୍ରୀୟ ସମତଳ ଭୂମି (iii) ପୂର୍ବ ସମତଳ ଭୂମି (iv) ବ୍ରହ୍ମପୁତ୍ର ସମତଳ ଭୂମି

## ପ୍ରଶ୍ନାବଳୀ ୧୬.୩

1. ଉତ୍ତରସ୍ଥ ବିଶାଳ ସମତଳ ଭୂମିରେ ପଟୁମାଟିର ସର୍ବାଧିକ ଗଭୀରତା କେତେ ?

______________________________

2. 'ଭାଙ୍ଗର' କହିଲେ କ'ଣ ବୁଝ ?

______________________________

3. 'ଭାଙ୍ଗର' ଅଞ୍ଚଳ କେଉଁ ତିନୋଟି ରାଜ୍ୟରେ ବ୍ୟାପ୍ତ ?

(a) ________ (b) ________ (c) ________





4. ପ୍ରାଚୀନ ଯୁଗରେ ପଶ୍ଚିମସ୍ଥ ସମତଳ ଅଞ୍ଚଳକରେ ପ୍ରବାହିତ ୨ଟି ଚିରସ୍ରୋତା ନଦୀର ନାମ କ'ଣ ?

   (a) ________ (b) ________

5. ଉତ୍ତର-କେନ୍ଦ୍ରୀୟ ସମତଳ ଭୂମିରେ ପ୍ରବାହିତ ୪ଟି ନଦୀର ନାମ ଲେଖ ।

   (a) ________ (b) ________ (c) ________ (d) ________

## 16.6 ଭାରତୀୟ ବିଶାଳ ମାଳଭୂମି :

ଉତ୍ତରସ୍ଥ ବିଶାଳ ସମତଳ ଭୂମିର ଦକ୍ଷିଣରେ ଏହି ମାଳଭୂମି ଅବସ୍ଥିତ । ଏହା ଆମ ଦେଶର ସର୍ବବୃହତ୍ ପ୍ରାକୃତିକ ବିଭାଗ । ଏହାର କ୍ଷେତ୍ରଫଳ ହାରାହାରି 16 ଲକ୍ଷ ବର୍ଗ କି.ମି । ଅର୍ଥାତ୍ ଦେଶର ପ୍ରାୟତଃ ଅଧା ଅଂଶ ମାଳଭୂମି ଅଟେ । ଏହି ଅଂଚଳ ଛୋଟ ବଡ଼ ଅନେକ ମାଳଭୂମି, ପାହାଡ଼ ଶ୍ରେଣୀ ଓ ପ୍ରଶସ୍ତ ଅଗଭୀର ନଦୀ ଉପତ୍ୟକା ଅଛି । ଏହାର ଉତ୍ତର ପଶ୍ଚିମ ସୀମାରେ ଆରାବଳୀ ପର୍ବତ ରହିଛି । ବୁନ୍ଦେଲଖଣ୍ଡ ମାଳଭୂମିର ଉତ୍ତରାଂଶ କୈମୁର ଓ ରାଜମହଲ ପାହାଡ଼ ଏହାର ଉତ୍ତର ଓ ଉତ୍ତର-ପୂର୍ବ ସୀମା ନିର୍ଦ୍ଧାରଣ କରନ୍ତି । ପଶ୍ଚିମଘାଟ ପର୍ବତମାଳା (ସହ୍ୟାଦ୍ରୀ) ଏବଂ ପୂର୍ବଘାଟ ପର୍ବତମାଳା ଏହାର ଯଥାକ୍ରମେ ପଶ୍ଚିମ ଓ ପୂର୍ବସୀମା ନିର୍ଦ୍ଧାରଣ କରନ୍ତି । ଏହି ମାଳଭୂମିର ଅଧିକାଂଶ ଅଞ୍ଚଳ ସମୁଦ୍ର ପତ୍ତନଠାରୁ ପ୍ରାୟ 400 ମି. ରୁ ଅଧିକ ଉଚ୍ଚରେ ଅବସ୍ଥିତ । ଏହି ଅଞ୍ଚଳ ସର୍ବୋଚ୍ଚ ଶୃଙ୍ଗର ନାମ ଆନ୍ନାଇମୁଡ଼ି (2695 ମି.) ଏହି ଅଞ୍ଚଳ ପଶ୍ଚିମରୁ ପୂର୍ବ ଆଡ଼କୁ ସାମାନ୍ୟ ଢ଼ାଲୁ ବା ଗଡ଼ାଣିଆ ।

ଏହି ବିଶାଳ ମାଳଭୂମି ଅତି ପୁରାତନ ଗଣ୍ଡୱାନାଲାଣ୍ଡର ଅଂଶ ବିଶେଷ । ପ୍ରାଚୀନ ସମୟରୁ ଏହି ଅଞ୍ଚଳ ସମୁଦ୍ର ପତ୍ତନ ଠାରୁ ଉଚ୍ଚରେ ରହିଆସିଛି । ତେଣୁ ବହୁ ପରିମାଣରେ କ୍ଷୟଶୀଳ ଅଟେ । ଏହାର ପର୍ବତ ଗୁଡ଼ିକ ସ୍ଫଟିକଯୁକ୍ତ । ଏଗୁଡ଼ିକ ଅତ୍ୟନ୍ତ କଠିନ ଶିଳାରେ ଗଠିତ, ତେଣୁ କ୍ଷୟକାରୀ ଶକ୍ତିର ପ୍ରଭାବ ପଡ଼େ । ମାତ୍ର ଏହାର ନିକଟବର୍ତ୍ତୀ ଅଂଚଳର ପଥ କ୍ଷୟ ହୋଇଯାଇଛି । ଅତି ପୁରାତନ ହେତୁ ଏହି ଅଂଚଳରେ ନଦୀଗୁଡ଼ିକ ପ୍ରାୟତଃ ସେମାନେ ଆଧାରତଳ ପ୍ରାପ୍ତ ହୋଇସାରିଛନ୍ତି ଏବଂ ପ୍ରଶସ୍ତ ତଥା ଅଗଭୀର ଉପତ୍ୟକା ସୃଷ୍ଟି କରିଛନ୍ତି । ବିଶାଳ ମାଳଭୂମି ବିଶେଷଭାବେ ଏହାର ଦକ୍ଷିଣାଂଶ ଆଗ୍ନେୟ ଓ ରୂପାନ୍ତରିତ ଶିଳାଦ୍ୱାରା ଗଠିତ । ନର୍ମଦା ନଦୀଦ୍ୱାରା ଏହି ଅଂଚଳ ଦୁଇ ଭାଗରେ ବିଭକ୍ତ । ନର୍ମଦା ନଦୀର ଉତ୍ତରକୁ କେନ୍ଦ୍ରୀୟ ପାର୍ବତ୍ୟାଞ୍ଚଳ (Central Highlands) ଓ ଦକ୍ଷିଣକୁ ଦାକ୍ଷିଣାତ୍ୟ ମାଳଭୂମି କୁହାଯାଏ । ମାନଚିତ୍ରକୁ ଦେଖିଲେ ଜଣାପଡ଼େ ନର୍ମଦା ଓ ତାପ୍ତିକୁ ଛାଡ଼ି ବିନ୍ଧ୍ୟ ପର୍ବତର ଦକ୍ଷିଣାଂଶରେ ଥିବା ସମସ୍ତ ନଦୀ ପୂର୍ବଆଡ଼କୁ ପ୍ରବାହିତ । କାରଣ ଏହି ଅଂଚଳ ପଶ୍ଚିମରୁ ପୂର୍ବକୁ ଢ଼ାଲୁ । ଟେଥିସ୍ ସାଗରୁ ହିମାଳୟ ପର୍ବତର ସୃଷ୍ଟି ସମୟରେ ଭୂ-ଚଳନ ଯୋଗୁଁ ସୃଷ୍ଟି ହୋଇଥିବା ଚ୍ୟୁତି ବା କୁଞ୍ଚ ମଧ୍ୟଦେଇ ନର୍ମଦା ଓ ତାପ୍ତି ନଦୀ ପଶ୍ଚିମ ଆଡ଼କୁ ପ୍ରବାହିତ ।

**(i)** **କେନ୍ଦ୍ରୀୟ ପାର୍ବତ୍ୟାଞ୍ଚଳ :** ଉତ୍ତରସ୍ଥ ସମତଳ ଅଞ୍ଚଳ ଓ ନର୍ମଦାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳକୁ କେନ୍ଦ୍ରୀୟ ପାର୍ବତ୍ୟାଞ୍ଚଳ କୁହାଯାଏ । ଆରାବଳୀ ପର୍ବତ ଏହାର ପଶ୍ଚିମ ଓ ଉତ୍ତର ପଶ୍ଚିମ ସୀମା ନିର୍ଦ୍ଧାରଣ କରେ । ଆରାବଳୀ ପର୍ବତ ଗୁଜୁରାଟରୁ ରାଜସ୍ଥାନ ମଧ୍ୟ ଦେଇ ଦିଲ୍ଲୀ ପର୍ଯ୍ୟନ୍ତ ଉତ୍ତର-ପୂର୍ବ ଦିଗରେ 700 କି.ମି ପର୍ଯ୍ୟନ୍ତ ବ୍ୟାପ୍ତ । ଦିଲ୍ଲୀ ନିକଟରେ ଏହାର ଉଚ୍ଚତା ସମୁଦ୍ର ପତ୍ତନ ଠାରୁ 400 ମି. ଓ ଦକ୍ଷିଣରେ 1500 ମି. ଅଟେ । ମାଉଣ୍ଟ ଆବୁ ନିକଟସ୍ଥ ଗୁରୁଶିଖର (1722 ମି.) ଆରାବଳୀ ପର୍ବତର ସର୍ବୋଚ୍ଚ ଶୃଙ୍ଗ । ଗୁଜୁରାଟ ଓ ରାଜସ୍ଥାନ ସୀମାରେ ଅବସ୍ଥିତ ମାଉଣ୍ଟଆବୁ ଏକ ଖୁବ୍ ସୁନ୍ଦର ଶୈଳନିବାସ । ଆରାବଳୀ ପର୍ବତର ପୂର୍ବ ଅଂଚଳ ଅତ୍ୟନ୍ତ ବିଖଣ୍ଡିତ ଓ ଅସମତଳ । ମାଲୱା ମାଳଭୂମି କେନ୍ଦ୍ରୀୟ ପାର୍ବତ୍ୟାଞ୍ଚଳର ଏକ ପ୍ରଧାନ ଅଂଶ । ଆରାବଳୀ ପର୍ବତର ଦକ୍ଷିଣ ପୂର୍ବରେ ବିନ୍ଧ୍ୟ ପର୍ବତର ଉତ୍ତରରେ ମାଲୱା ମାଳଭୂମି ଅବସ୍ଥିତ ।

ମୋଡ୍ୟୁଲ-୬
ଭାରତର ପ୍ରାକୃତିକ ସ୍ଥିତି



ଟିପ୍ପଣୀ

ଯମୁନା ନଦୀ ସହ ସଂଯୁକ୍ତ ହେବା ପୂର୍ବରୁ ଚମ୍ବଲ, ବେଟଓ୍ୱା ଓ କେନ୍ ନଦୀ ମାଲଓ୍ୱା ମାଳଭୂମି ମଧ୍ୟରେ ପ୍ରବାହିତ । ମାଲଓ୍ୱା ମାଳଭୂମିର ପୂର୍ବରେ ଥିବା କେନ୍ଦ୍ରୀୟ ପାର୍ବତ୍ୟାଞ୍ଚଳରେ ଅଂଶକୁ ବୁନ୍ଦେଲଖଣ୍ଡ କୁହାଯାଏ । ବୁନ୍ଦେଲଖଣ୍ଡର ପୂର୍ବକୁ ବାଘେଲଖଣ୍ଡ ଓ ତା'ର ପୂର୍ବକୁ ଛୋଟ ନାଗପୁର ମାଳଭୂମି କୁହାଯାଏ । ମାଲଓ୍ୱା ମାଳଭୂମିର ଦକ୍ଷିଣରେ ବିନ୍ଧ୍ୟ ପର୍ବତ ଓ ଉତ୍ତର ପୂର୍ବରେ ମହାଦେବ, କୈମୁର ଓ ମୈକାଲ ପର୍ବତ ଅବସ୍ଥିତ । ନର୍ମଦା ନଦୀ ଆଡ଼କୁ ବିନ୍ଧ୍ୟପର୍ବତର ଢ଼ାଲୁ ଅତ୍ୟନ୍ତ ତୀକ୍ଷଣ । ଏଥିରୁ ଜଣାପଡ଼େ ଯେ ନର୍ମଦା ଭଙ୍ଗିଳ/ ଗ୍ରସ୍ତ ଉପତ୍ୟକା ମଧ୍ୟଦେଇ ପ୍ରବାହିତ । ଏହି ପର୍ବତରେ ଅଳ୍ପ ସଂଖ୍ୟକ ଗିରିପଥ ଅଛି । ଏହି କାରଣ ଯୋଗୁଁ ବହୁ ପୁରାତନ କାଳରେ ବିନ୍ଧ୍ୟପର୍ବତ ଉତ୍ତର ଭାରତ ଓ ଦକ୍ଷିଣ ଭାରତ ମଧ୍ୟରେ ଅବରୋଧ ଥିଲା । ନର୍ମଦା ନଦୀ ଉପତ୍ୟକା ସାତପୁରା ଓ ବିନ୍ଧ୍ୟ ପର୍ବତ ମଧ୍ୟରେ ଅବସ୍ଥିତ । ଏହି ଉପତ୍ୟକାରେ ନର୍ମଦା ନଦୀ ପୂର୍ବରୁ ପଶ୍ଚିମକୁ ପ୍ରବାହିତ ହୋଇ ଆରବ ସାଗରରେ ପଡ଼ିଛି । ବିନ୍ଧ୍ୟ ପର୍ବତ ଓ ସାତପୁରା ପର୍ବତର ମଧ୍ୟବର୍ତ୍ତୀ ଭୂ-ଭାଗ ଦବିଯିବା ଫଳରେ ଏହି ଉପତ୍ୟକା ସୃଷ୍ଟି ହୋଇଛି ।

**(ii)** **ଦାକ୍ଷିଣାତ୍ୟ ମାଳଭୂମି :** ଭାରତୀୟ ବିଶାଳ ମାଳଭୂମିର ଏହା ସବୁଠାରୁ ବଡ଼ ଅଂଶ । ଏହି ମାଳଭୂମିଟି ତ୍ରିଭୁଜାକାର । ଏହି ତ୍ରିଭୂଜର ଏକ ବାହୁ କନ୍ୟାକୁମାରୀ ଠାରୁ ରାଜମହଲ ପାହାଡ଼କୁ ସଂଯୁକ୍ତ କରେ, ଯାହା ପୂର୍ବଘାଟ ପର୍ବତମାଳା ଦେଇ ଯାଇଅଛି । 2ୟ ବାହୁ ସାତପୁରା ପର୍ବତ, ମହାଦେବ ପର୍ବତ ଓ ମୈକାଲ ପର୍ବତ ଓ ରାଜମହର ପର୍ବତ ଅଟେ । ପଶ୍ଚିମଘାଟ ୩ୟ ବାହୁ ଅଟେ । ଏହାର କ୍ଷେତ୍ରଫଳ ପ୍ରାୟ 7 ଲକ୍ଷ ବର୍ଗ କି.ମି ଓ ଉଚ୍ଚତା 500 ରୁ 1000 ମି.ପର୍ଯ୍ୟନ୍ତ । ଏହାର ପଶ୍ଚିମ ପଟେ ପଶ୍ଚିମଘାଟ ପର୍ବତମାଳା ବା ସହ୍ୟାଦ୍ରୀ ଅବସ୍ଥିତ । ଆରବ ସାଗର କୂଳରେ ଅବସ୍ଥିତ ତିଖ ସହ୍ୟାଦ୍ରୀ ପର୍ବତଶ୍ରେଣୀ ଏକ ବିସ୍ମୟ । ପଶ୍ଚିମପଟେ ଥିବାରୁ ଏହାର ଅନ୍ୟନାମ ପଶ୍ଚିମଘାଟ । 'ଘାଟ' ଶବ୍ଦର ଅର୍ଥ ସ୍ନୋ ପାଦପରି ପାହାଡ଼ । ତେଣୁ ଏହାର ନାମ ସାର୍ଥକ ହୋଇଛି । ସହ୍ୟାଦ୍ରୀର ଉଚ୍ଚତା ଉତ୍ତରରୁ ଦକ୍ଷିଣ ଆଡ଼କୁ କ୍ରମଶଃ ବୃଦ୍ଧିପାଏ । କେରଳ ରାଜ୍ୟରେ ଅବସ୍ଥିତ ଆନ୍ନାଇମୁଡ଼ି (2965 ମି.) ପଶ୍ଚିମଘାଟର ଉଚ୍ଚତମ ଶୃଙ୍ଗ । ଆନ୍ନାମଲାଇ, କାଡ଼ାମସ୍ ଓ ପାଓ୍ୱାନୀ ପର୍ବତର ସଂଯୋଗ ସ୍ଥଳ ଆନ୍ନାଇମୁଡ଼ି । ପାଲାନୀ ପର୍ବତରେ ଅବସ୍ଥିତ କୋଡ଼ାଇ କେନାଲ୍ ଏକ ସୁରମ୍ୟ ଶୈଳନିବାସ ।

ପୂର୍ବଘାଟ ପର୍ବତମାଳା ଦାକ୍ଷିଣାତ୍ୟ ମାଳଭୂମିର ପୂର୍ବସୀମା ନିର୍ଦ୍ଧାରଣ କରୁଛି । ଏହାର ଅନ୍ୟ ନାମ ପୂର୍ବାଦ୍ରୀ । କର୍ଣ୍ଣାଟକ ଓ ତାମିଲନାଡୁ ସୀମାରେ ଅବସ୍ଥିତ ନୀଳଗିରି ପର୍ବତଠାରେ ଏହା ପଶ୍ଚିମଘାଟ ପର୍ବତ ଶ୍ରେଣୀର ସମ୍ମିଳିତ ହୋଇଛି । ନୀଳଗିରି ପର୍ବତରେ ଅବସ୍ଥିତ ତାମିଲନାଡୁର ଉଦଗମଣ୍ଡଳମ୍ (ଉଟି) ଦକ୍ଷିଣ ଭାରତର ପ୍ରସିଦ୍ଧ ଶୈଳନିବାସ । ଏକଦା ଏହା ମାଡ୍ରାସ୍ ପ୍ରେସିଡ଼େନ୍ସୀର ଗଭର୍ଣ୍ଣରଙ୍କର ଗ୍ରୀଷ୍ମନିବାସ ଥିଲା । ସହ୍ୟାଦ୍ରୀ ପରି ଏହା ନିରବଚ୍ଛିନ୍ନ ନୁହେଁ । ମହାନଦୀ, ଗୋଦାବରୀ, କୃଷ୍ଣା, ପେନାର୍ ଓ କାବେରୀ ଆଦି ନଦୀଗୁଡ଼ିକର ଉପତ୍ୟକା ଦ୍ୱାରା ଏହା ବିଖଣ୍ଡିତ ହୋଇଛି ।



ଟିପ୍ପଣୀ

ସହ୍ୟାଦ୍ରୀ ଓ ପୂର୍ବଘାଟ ମଧ୍ୟରେ ଥିବା ମାଳ ଅଞ୍ଚଳ ବିଭିନ୍ନ କାରଣରୁ ବିଚ୍ଛିନ୍ନ ସ୍ଥାନୀୟ ନାମରେ ନାମିତ ହୋଇଛି । ଆନ୍ଧ୍ରପ୍ରଦେଶରେ ଅବସ୍ଥିତ ତେଲେଙ୍ଗାନା ଏହିପରି ନାମ । ଦାମୋଦର ନଦୀ ଛୋଟ ନାଗପୁର ମାଳଭୂମିରେ ପ୍ରବାହିତ । ଏହାର ଉପତ୍ୟକାରେ ପ୍ରଚୁର କୋଇଲା ମିଳେ । କୋଇଲା ଛଡ଼ା ଏ ଅଞ୍ଚଳ ଅନ୍ୟାନ୍ୟ ସଂପାଦରେ ପରିପୂର୍ଣ୍ଣ । ତୁମେ ଜାଣିଲ :

- ଭାରତୀୟ ବିଶାଳ ମାଳଭୂମିର ଆକାର ତ୍ରିଭୁଜ ସଦୃଶ ।
- ଏହା ଦୁଇ ଭାଗରେ ବିଭକ୍ତ :- କେନ୍ଦ୍ରୀୟ ପାର୍ବତ୍ୟାଞ୍ଚଳ ଓ ଦାକ୍ଷିଣାତ୍ୟ ମାଳଭୂମି ।
- ଆରାବଳୀ, ବିନ୍ଧ୍ୟ, ସହ୍ୟାଦ୍ରୀ, ପୂର୍ବାଦ୍ରୀ, ଆନ୍ନାମଲାଇ, କାଡ଼ାମମ୍, ପାଲାନୀ, ମହାଦେବ, ମୈକାଲ ଓ ସାତପୁରା ଆଦି ଏହି ମାଳଭୂମିର ପ୍ରଧାନ ପର୍ବତ ।
- ଚମ୍ବଲ, ନର୍ମଦା, ତାପ୍ତି, ମହାନଦୀ, ଗୋଦାବରୀ, କୃଷ୍ଣା, କାବେରୀ ଆଦି ମୁଖ୍ୟ ନଦୀ ।

## ପ୍ରଶ୍ନାବଳୀ ୧୬.୪

1. ସଠିକ୍ ଉତ୍ତରଟିକୁ ବାଛ ।

(i) ଦକ୍ଷିଣ ଭାରତର ଉଚ୍ଚତମ ଶୃଙ୍ଗର ନାମ କ'ଣ ?

(i) ଦୋଦାବେଭା (ii) ଆନ୍ନାଇମୁଡ଼ି (iii) ମହାବଳେଶ୍ୱର (iv) ଗୁରୁଶିଖର

______________________________

(ii) ଗ୍ରସ୍ତ ଉପତ୍ୟକା (Rift Valley) ଦେଇ କେଉଁ ନଦୀ ପ୍ରବାହିତ ?

(i) ନର୍ମଦା (ii) ଗୋଦାବରୀ (iii) ଚମ୍ବଲ (iv) ପେନାର୍

______________________________

2. ମାଲୱା ମାଳଭୂମିରେ ପ୍ରବାହିତ ୨ଟି ନଦୀର ନାମ ଲେଖ ।

(i) ________ (ii) ________

______________________________

3. କୋଡ଼ାଇ କେନାଲ୍ କେଉଁ ପର୍ବତରେ ଅବସ୍ଥିତ ?

______________________________

4. ଆରାବଳୀ ପର୍ବତରେ ଅବସ୍ଥିତ ମୁଖ୍ୟ ଶୈଳନିବାସର ନାମ ଲେଖ ।

______________________________



ଟିପ୍ପଣୀ

## 16.7 ଉପକୂଳବର୍ତ୍ତୀ ସମତଳ ଭୂମି

ବିଶାଳ ମାଳଭୂମି ଚର୍ତୁପାଶ୍ୱରୁ ସମତଳ ଭୂମି ପରିବେଷ୍ଟିତ । ଉତ୍ତର ଦିଗରେ ଉତ୍ତର ଭାରତ ସମତଳ ଭୂମି ଓ ପୂର୍ବ, ପଶ୍ଚିମ ଓ ଦକ୍ଷିଣରେ ଉପକୂଳବର୍ତ୍ତୀ ସମତଳ ଭୂମି ।

**ପୂର୍ବ ଉପକୂଳ ସମତଳ ଭୂମି :** ବଙ୍ଗୋପସାଗର କୂଳେ ଗଙ୍ଗା ତ୍ରିକୋଣ ଭୂମିଠାରୁ ଦକ୍ଷିଣରେ କନ୍ୟାକୁମାରୀ ପର୍ଯ୍ୟନ୍ତ ଏହି ସମତଳ ଭୂମି ବିସ୍ତୃତ । ପଶ୍ଚିମ ଉପକୂଳ ସମତଳ ଭୂମି ଅପେକ୍ଷା ଏହା ଅଧିକ ପ୍ରଶସ୍ତ । ମହାନଦୀ, ଗୋଦାବରୀ, କୃଷ୍ଣା ଓ କାବେରୀ ଆଦି ନଦୀମାନଙ୍କର ତ୍ରିକୋଣ ଭୂମି ଏହି ସମତଳ ଭୂମି ଅନ୍ତର୍ଗତ । ବଙ୍ଗୋପସାଗରରୁ ବାଲିବନ୍ଧ ଦ୍ୱାରା ବିଛିନ୍ନ ହ୍ରଦ ଚିଲିକା, ପୁଲିକଟ୍, କୋଲୁରୁ ଏହି ସମତଳ ଭୂମିରେ ଅଛି । ମହାନଦୀ ତ୍ରିକୋଣ ଭୂମିର ଦକ୍ଷିଣରେ ଚିଲିକା ହ୍ରଦ ଅବସ୍ଥିତ । ଏହାର ଦୈର୍ଘ୍ୟ 75 କି.ମି ଚେନ୍ନାଇ ସହରର ଉତ୍ତରରେ ପୁଲିକଟ୍ ହ୍ରଦ ଅବସ୍ଥିତ । ଗୋଦାବରୀ ଓ କୃଷ୍ଣାନଦୀର ତ୍ରିକୋଣ ଭୂମି ମଧ୍ୟବର୍ତ୍ତୀ ଅଞ୍ଚଳରେ କୋଲୁରୁ ହ୍ରଦ ଅବସ୍ଥିତ । ଏ ଅଞ୍ଚଳ ଅତ୍ୟନ୍ତ ଉର୍ବର ଓ ଏଠାରେ ଧାନଚାଷ ପ୍ରଚୁର କରାଯାଏ ।

**ପଶ୍ଚିମ ଉପକୂଳ ସମତଳ ଭୂମି :** ଏହି ସମତଳ ଅଞ୍ଚଳର ଉତ୍ତରରେ ଆରବ ସାଗର କୂଳରେ କଚ୍ଛ ଉପସାଗର ଠାରୁ ଦକ୍ଷିଣରେ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତୃତ । ଗୁଜୁରାଟ ସମତଳ ଭୂମିକୁ ଛାଡ଼ି ପୂର୍ବକୂଳ ସମତଳ ଭୂମିଠାରୁ ଏହା ସଂକୀର୍ଣ୍ଣ । ଦକ୍ଷିଣ ଗୁଜୁରାଟ ଠାରୁ ମୁମ୍ବାଇ ପର୍ଯ୍ୟନ୍ତ ଅପେକ୍ଷା କୃତଭାବେ ପ୍ରଶସ୍ତ । ମାତ୍ର ଦକ୍ଷିଣ ଆଡ଼କୁ ଏହା କ୍ରମଶଃ ସଂକୀର୍ଣ୍ଣ । ଗୁଜୁରାଟ, କଚ୍ଛ ଉପସାଗର କୂଳ ତଥା କାଠିଆୱାଡ଼ା ସମତଳ ଅଂଚଳରେ କାଁ ଭାଁ ପଥର ଚଟାଣ ଓ ପାହାଡ଼ ଦେଖିବାକୁ ମିଳେ । ଗୁଜୁରାଟ ସମତଳ ଅଞ୍ଚଳରେ କୃଷ୍ଣମୃତ୍ତିକା ଦେଖାଯାଏ । ଉତ୍ତରରେ ଡାମନ ଠାରୁ ଦକ୍ଷିଣରେ ଗୋଆ ପର୍ଯ୍ୟନ୍ତ 500 KM ବ୍ୟାପି ସମତଳ ଅଞ୍ଚଳକୁ 'କୋଙ୍କଣ' କୁହାଯାଏ । ଏହି ଅଞ୍ଚଳ ବିଖଣ୍ଡିତ ଆବୁଡ଼ା ଖାବୁଡ଼ା ହୋଇ ଅନେକ ପ୍ରାକୃତିକ ପୋତାଶ୍ରୟ ଦେଖାଯାଏ । ଏଠାରେ ଅନେକ ଗୁଡ଼ିଏ ଛୋଟ ଏବଂ ଋତୁକାଳୀନ ନଦୀ ପ୍ରବାହିତ ହେଉଛନ୍ତି । ଗୋଆ ଠାରୁ ମାଙ୍ଗାଲୋର୍ ପର୍ଯ୍ୟନ୍ତ ଉପକୂଳକୁ କର୍ଣ୍ଣାଟକ ଉପକୂଳ କୁହାଯାଏ ଏବଂ ମାଙ୍ଗାଲୋର ଠାରୁ କନ୍ୟାକୁମାରୀ ଉପକୂଳକୁ ମାଲାୱାର ଉପକୂଳ କହନ୍ତି । ଏଠାରେ ଉପକୂଳ ଚଉଡ଼ା । ଏଠାରେ ଅନେକ ଉପହ୍ରଦ ସମୁଦ୍ର ସହ ସମାନ୍ତରାଳ ସୃଷ୍ଟି ହୋଇଛି । 80 KM ରୁ ଅଧିକ ଦୈର୍ଘ୍ୟ ବିଶିଷ୍ଟ ବେମ୍ବାନାଡ଼ ଏହି ପ୍ରକାର ଏକ ହ୍ରଦ । ଏହି ପ୍ରକାର ଏକ ହ୍ରଦରେ କୋଚି ବନ୍ଦର ଅବସ୍ଥିତ ।

## 16.8 ଭାରତର ଦ୍ୱୀପପୁଞ୍ଜ :

ଭାରତରେ ଦୁଇଟି ଦ୍ୱୀପପୁଞ୍ଜ ଅଛି । ଗୋଟିଏ ଦ୍ୱୀପପୁଞ୍ଜ ମିଆଁମାର୍ ଉପକୂଳରୁ କିଛି ଦୂରରେ ବଙ୍ଗୋପସାଗରରେ ଅବସ୍ଥିତ । ଏହାର ନାମ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ । କେରଳ ଉପକୂଳରୁ କିଛି ଦୂରରେ ଆରବ ସାଗରରେ ଅବସ୍ଥିତ ଦ୍ୱୀପପୁଞ୍ଜର ନାମ ଲାକ୍ଷା ଦ୍ୱୀପପୁଞ୍ଜ । (i) ଉତ୍ତର (ii) ମଧ୍ୟ (iii) ଦକ୍ଷିଣ ଓ ଲିଟିଲ୍ ଆଣ୍ଡାମାନ୍ ଦ୍ୱୀପକୁ ନେଇ ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜ ଗଠିତ । ଏହି କେନ୍ଦ୍ରଶାସିତ ଦ୍ୱୀପପୁଞ୍ଜ ରାଜଧାନୀ ପୋର୍ଟବ୍ଲେୟାର ଦକ୍ଷିଣ ଆଣ୍ଡାମାନ୍‌ରେ ଅବସ୍ଥିତ । ଦଶ ଅଂଶ ଜଳମାର୍ଗ (Ten Degree Channel) ଦ୍ୱାରା ଆଣ୍ଡାମାନ୍ ଦ୍ୱୀପପୁଞ୍ଜ ନିକୋବର ଦ୍ୱୀପପୁଞ୍ଜ ଠାରୁ ବିଚ୍ଛିନ୍ନ ହୋଇଛି । ଏହାର ଦକ୍ଷିଣକୁ ନିକୋବର ଦ୍ୱୀପପୁଞ୍ଜ ଅବସ୍ଥିତ । ଏହା ଅଧିନରେ ଗ୍ରେଟ୍ ନିକୋବର, କାର୍ ନିକୋବର, ଲିଟିଲ୍ ନିକୋବର ଦ୍ୱୀପପୁଞ୍ଜ ଅଛି । ଭାରତର ଦକ୍ଷିଣତମ ସ୍ଥାନ ଇନ୍ଦିରାପଏ ଗ୍ରେଟ୍ ନିକୋବର ଦ୍ୱୀପପୁଞ୍ଜରେ ଅବସ୍ଥିତ ଯାହା ଭାରତର ଭୂତପୂର୍ବ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ନାମାନୁସାରେ ନାମିତ । ଏହି ଦ୍ୱୀପପୁଞ୍ଜ ଅର୍ଦ୍ଧନିମଜ୍ଜିତ ଶୈଳଶିରା ଅଟେ । ଆଣ୍ଡାମାନ୍ ଦ୍ୱୀପରେ ଅବସ୍ଥିତ ବାରେନ୍ ଦ୍ୱୀପ ଭାରତର ଏକମାତ୍ର



ଟିପ୍ପଣୀ

ଜୀବନ୍ତ ଆଗ୍ନେୟଗିରି, ସାମରିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ହୋଇଥିବା ଯୋଗୁଁ ଏହି ଦ୍ୱୀପରେ ନୌସେନା ଓ ବାୟୁସେନାର ୟୁନିଟ୍ ଅଛି । ଏହି ଦ୍ୱୀପପୁଞ୍ଜ ବାଂଲାଦେଶ, ମିଆଁମାର, ଥାଇଲାଣ୍ଡ, ମାଲେସିଆ, ସିଙ୍ଗାପୁର, ଇଣ୍ଡୋନେସିଆ ଓ ଶ୍ରୀଲଙ୍କା ଆଦି ୭ଟି ଦେଶକୁ ସାମନା କରିଛି ।

କେରଳ ଉପକୂଳରୁ ଦୂରରେ ଆରବସାଗରରେ ଲାକ୍ଷା ଦ୍ୱୀପପୁଞ୍ଜ ଅବସ୍ଥିତ । ଏହା ପ୍ରବାଳ ଦ୍ୱୀପ ଅଟେ । ଏହା ପ୍ରବାଳ କୀଟମାନଙ୍କର ନଷ୍ଟାବଶେଷ ଦ୍ୱାରା ଗଠିତ । ଏହି ଦ୍ୱୀପପୁଞ୍ଜର ଦ୍ୱୀପଗୁଡ଼ିକର ଆକାର ଛୋଟ । ଏହି ଦ୍ୱୀପପୁଞ୍ଜ ସବୁଠାରୁ ବଡ଼ ଦ୍ୱୀପର ନାମ ମିନଚ୍ଏ । ଯାହାର କ୍ଷେତ୍ରଫଳ 4.5 ବର୍ଗ କି.ମି କାଭାର୍ଭି ଏହି ଦ୍ୱୀପପୁଞ୍ଜର ରାଜଧାନୀ । ଏଥିରୁ ଜାଣିଲ :

- ପଶ୍ଚିମ ଉପକୂଳ ସମତଳ ଭୂମି ଆରବ ସାଗର କୂଳରେ ଅବସ୍ଥିତ ।
- ପୂର୍ବ ଉପକୂପ ସମତଳ ଭୂମି ବଙ୍ଗୋପସାଗର କୂଳରେ ବିସ୍ତୃତ ।
- ପଶ୍ଚିମ ଉପକୂଳ ଅପେକ୍ଷା ପୂର୍ବ ଉପକୂଳ ପ୍ରଶସ୍ତ ।
- କେରଳ ଉପକୂଳରୁ ଦୂରରେ ଆରବ ସାଗରରେ ଲାକ୍ଷାଦ୍ୱୀପ ଓ ମିଆଁମାର ଉପକୂଳରୁ ଦୂରରେ ବଙ୍ଗୋପସାଗରରେ ଆଣ୍ଡାମାନ୍ ନିକୋବର ଦ୍ୱୀପପୁଞ୍ଜ ଅବସ୍ଥିତ । ଏହି ଦ୍ୱୀପପୁଞ୍ଜ ସାମାରିକ ଦୃଷ୍ଟିକୋଣରୁ ମହତ୍ତ୍ୱପୂର୍ଣ୍ଣ ।

### ପ୍ରଶ୍ନାବଳୀ ୧୬.୫

୧. କେଉଁ ଉପକୂଳ ଅନ୍ୟ ଉପକୂଳ ଠାରୁ ପ୍ରଶସ୍ତ ?

______________________

୨. ପୂର୍ବ ଉପକୂଳ ସମତଳ ଅଞ୍ଚଳରେ ଦୁଇଟି ହ୍ରଦର ନାମ ଲେଖ ।

(a) __________ (b) __________

୩. ଗୋଦାବରୀ ଓ କ୍ରିଷ୍ଣାନଦୀ ତ୍ରିକୋଣଭୂମିର ମଧ୍ୟବର୍ତ୍ତୀ ଅଞ୍ଚଳର କେଉଁ ହ୍ରଦ ଅବସ୍ଥିତ ?

______________________

୪. କୋଙ୍କଣ ଉପକୂଳର ଉତ୍ତରତମ ଓ ଦକ୍ଷିଣତମ ପ୍ରାନ୍ତର ନାମ କ'ଣ ?

______________________

୫. କେଉଁ ଦ୍ୱୀପପୁଞ୍ଜ ପ୍ରବାଳ କୀଟର ଦେହାବଶେଷ ଅଟେ ?

(i) ଆଣ୍ଡାମାନ (ii) ନିକୋବର (iii) ଲାକ୍ଷାଦ୍ୱୀପ (iv) ବାରେନ୍

## 16.9 ପ୍ରବାହିତ ନଦୀ ବ୍ୟବସ୍ଥା (Drainage System) ବା ଅପବାହ ତନ୍ତ୍ର

କୌଣସି ଅଂଚଳର ଭୂ-ପୃଷ୍ଠସ୍ଥ ଜଳ କିଭଳି କେଉଁ ନଦୀ ଦ୍ୱରା ପ୍ରବାହିତ ହୁଏ, ତା'କୁ ପ୍ରବାହିତ ନଦୀ ବ୍ୟବସ୍ଥା କହନ୍ତି । ଭୂମିର ଢ଼ାଲୁ, ଭୂ-ତାତ୍ତ୍ୱିକ ଗଠନ, ଜଳର ପରିମାଣ ଓ ବେଗ ଆଦି ଭୌତିକ କାରକ ଉପରେ ପ୍ରବାହିତ ନଦୀ ବ୍ୟବସ୍ଥା ନିର୍ଭର କରେ । ଭାରତର ପ୍ରବାହିତ ନଦୀ ବ୍ୟବସ୍ଥା ଦୁଇ ଭାଗରେ ବିଭକ୍ତ ।

୧. ଉତ୍ତର ଭାରତ ପ୍ରବାହିତ ନଦୀ ବ୍ୟବସ୍ଥା
୨. ଦକ୍ଷିଣ ଭାରତ ପ୍ରବାହିତ ନଦୀ ବ୍ୟବସ୍ଥା





**(a) ଉତ୍ତର ଭାରତ ପ୍ରବାହିତ ନଦୀ ବ୍ୟବସ୍ଥା :**

ଉତ୍ତର ଭାରତ ପ୍ରବାହିତ ନଦୀ ବ୍ୟବସ୍ଥାରେ ହିମାଳୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ । କାରଣ ଉତ୍ତର ଭାରତ ନଦୀଗୁଡ଼ିକ ହିମାଳୟରୁ ଉତ୍ପତ୍ତି ଲାଭ କରିଛନ୍ତି । ଦକ୍ଷିଣ ଭାରତ ନଦୀଠାରୁ ଏମାନେ ଅଲଗା/ଭିନ୍ନ କାରଣ ଏବେ ମଧ୍ୟ ଏହି ନଦୀଗୁଡ଼ିକ ଅପେକ୍ଷାକୃତ ଭାବେ ଦ୍ରୁତ ବେଗରେ ଶଯ୍ୟା ଖନନ କରୁଛନ୍ତି । ଶଯ୍ୟା ଖନନ ଦ୍ୱାରା ସୃଷ୍ଟ ମୃତ୍ତିକା ପରିବାହିତ ହୋଇ ସମତଳ ଅଞ୍ଚଳରେ ଓ ସମୁଦ୍ରରେ ଜମା ହୁଏ । କାରଣ ସମତଳ ଶଯ୍ୟାରେ ବେଗ ଧିର ହୋଇଯାଇଥାଏ ଓ ନଦୀ ଶାଖା ପ୍ରଶାଖାରେ ବିଭକ୍ତ ହୋଇଯାଇଥାଏ ।

ନଦୀମାନଙ୍କ ଦ୍ୱାରା ପରିବାହିତ ମୃତ୍ତିକାରେ ଉତ୍ତର ସମତଳ ଅଞ୍ଚଳ ଗଠିତ ହୋଇଛି । ହିମାଳୟରୁ ଉତ୍ପତ୍ତି ଲାଭ କରିଥିବା କେତେକ ନଦୀ ହିମାଳୟ ଠାରୁ ମଧ୍ୟ ପୁରାତନ । ହିମାଳୟ ପର୍ବତଶ୍ରେଣୀ ଯେତିକି ଯେତିକି ଉପରକୁ ଉଠିଛି, ନଦୀଗୁଡ଼ିକ ସେତିକି ବେଗରେ ନିମ୍ନଗାମୀ ହୋଇ ଗଭୀରଗଣ୍ଡ ଓ ନଦୀ ଉପତ୍ୟକା ସୃଷ୍ଟି କରିଛନ୍ତି । ଜାମ୍ମୁ ଓ କାଶ୍ମୀରରେ ସିନ୍ଧୁନଦୀରେ ବୁଞ୍ଜିଠାରେ ସୃଷ୍ଟ ଗଣ୍ଡର ଗଭୀରତା 5200ମି. ସତଲେଜ୍ ଓ ବ୍ରହ୍ମପୁତ୍ର ନଦୀରେ ମଧ୍ୟ ଏହିପ୍ରକାର ଗଣ୍ଡ ଦେଖାଯାଏ ।

ଉତ୍ତର ଭାରତ ପ୍ରବାହିତ ନଦୀ ବ୍ୟବସ୍ଥା ପୁନର୍ବାର ୩ ଭାଗରେ ବିଭକ୍ତ ।

୧. ସିନ୍ଧୁନଦୀ ବ୍ୟବସ୍ଥା
୨. ଗଙ୍ଗାନଦୀ ବ୍ୟବସ୍ଥା
୩. ବ୍ରହ୍ମପୁତ୍ର ନଦୀ ବ୍ୟବସ୍ଥା

ସିନ୍ଧୁ, ଝେଲମ୍, ଚେନାବ୍, ରାବି, ବେୟାସ୍ ଓ ସତ୍‌ଲେଜ୍ ନଦୀ ସିନ୍ଧୁନଦୀ ବ୍ୟବସ୍ଥାର ମୁଖ୍ୟ ନଦୀ । ରାମଗଙ୍ଗା, ଗୋମତୀ, ଘାଘରା, କୋଶୀ, ଗଣ୍ଡକ, ଯମୁନା ଓ ସୋନ୍ ଓ ଦାମୋଦର ନଦୀ ଗଙ୍ଗା ଅପବାହ ତନ୍ତ୍ରର ପ୍ରମୁଖ ନଦୀ । ଯମୁନା ଓ ଅରୁଣାଚଳ ପ୍ରଦେଶର ଓ ଆସାମର ଦିବଙ୍ଗ ଓ ଲୋହିତ୍, ସିକିମ୍‌ରେ ତିସ୍ତା, ପଶ୍ଚିମ ବଙ୍ଗ ଓ ବାଂଲାଦେଶରେ ମେଘନା ନଦୀ ପ୍ରବାହିତ ହେଉଛି ।

**(b) ଦକ୍ଷିଣ ଭାରତ ପ୍ରବାହିତ ନଦୀ ବ୍ୟବସ୍ଥା :**

ଦକ୍ଷିଣ ଭାରତ ଏକ ଅତି ପ୍ରାଚୀନ ଭୂ-ଭାଗ ଅଟେ । ତେଣୁ ଏଠାରେ ପ୍ରବାହିତ ନଦୀ ସମୂହ ବୃଦ୍ଧତ୍ୱ ପ୍ରାପ୍ତି ହୋଇଛନ୍ତି । ତେଣୁ ଏ ନଦୀଗୁଡ଼ିକର ଭୂ-ଲମ୍ବଭାବରେ ଶଯ୍ୟା ଖନନ ଶକ୍ତି ପ୍ରାୟତଃ ଶେଷ ହୋଇଯାଇଛି । ଅତି ଧିର ଭାବରେ ଏମାନେ କେବଳ ପାର୍ଶ୍ୱ କନନ କରୁଛନ୍ତି । ଫଳସ୍ୱରୂପ ବନ୍ୟା ସମୟରେ ବନ୍ୟା ଜଳ ପାର୍ଶ୍ୱବର୍ତ୍ତୀ ବ୍ୟାପକ ଅଂଚଳରେ ମାଡ଼ିଯାଏ । ହିମାଳୟ ସୃଷ୍ଟି ହେବା ସମୟରେ ଭୂକମ୍ପ ହେତୁ ଏହି ଅଂଚଳ ପୂର୍ବ ଆଡ଼କୁ ଢ଼ାଲୁ ହୋଇଛି ବୋଲି ବିଶ୍ୱାସ କରାଯାଏ । ତେଣୁ ନର୍ମଦା ଓ ତାପୀକୁ ଛାଡ଼ି ଅନ୍ୟ ସମସ୍ତ ନଦୀ ପଶ୍ଚିମରୁ ପୂର୍ବକୁ ପ୍ରବାହିତ ହୋଇଛନ୍ତି । ନର୍ମଦା ଓ ତାପୀ ଗ୍ରସ୍ତ ଉପତ୍ୟକା ମଧ୍ୟଦେଇ ପଶ୍ଚିମକୁ ପ୍ରବାହିତ । ମହାନଦୀ, ଗୋଦାବରୀ, କୃଷ୍ଣା, କାବେରୀ, ପେନାର୍ ଓ ଭୈଗୈ ଆଦି ଦକ୍ଷିଣ ଭାରତ ପ୍ରବାହିତ ନଦୀ ବ୍ୟବସ୍ଥାର ପ୍ରମୁଖ ନଦୀ । ଉପଦ୍ୱୀପୀୟ ଭାରତର ଉତ୍ତରାଂଶ ଉତ୍ତର ଅଡ଼କୁ ଢ଼ାଲୁ । ଫଳତଃ ବିନ୍ଧ୍ୟପର୍ବତରୁ ସୃଷ୍ଟ କେତେକ ନଦୀ ଉତ୍ତର ଦିଗକୁ ପ୍ରବାହିତ ହୋଇ ଗଙ୍ଗା ଓ ଯମୁନା ସହ ମିଳିତ ହୋଇଛନ୍ତି । ଚମ୍ବଲ, କେନ୍, ବେଟଓ୍ୱା, ସିନ୍ଧତ ଓ ସୋନ୍ ଏହି ପ୍ରକାର ନଦୀ ।

ହିମାଳୟରୁ ଉତ୍ପତ୍ତି ଲାଭ କରିଥିବା ନଦୀ ଓ ଉପଦ୍ୱୀପୟ ନଦୀ ମଧ୍ୟରେ ପାର୍ଥକ୍ୟ :

ହିମାଳୟରୁ ଉତ୍ପତ୍ତି ଲାଭ କରିଥିବା ନଦୀଗୁଡ଼ିକ ଚିରସ୍ରୋତା । ହିମାଦ୍ରୀରେ ଥିବା ବରଫ ତରିଳି ଯିବା ଯୋଗୁଁ ଏ ନଦୀଗୁଡ଼ିକରେ ବର୍ଷସାରା ଜଳ ପ୍ରବାହିତ ହୁଏ ।

କିନ୍ତୁ ଉପଦ୍ୱୀପୀୟ ନଦୀ/ ଦକ୍ଷିଣ ଭାରତ ନଦୀ ଗୁଡ଼ିକରେ ଜଳର ପରିମାଣ ବର୍ଷସାରା ସମାନ ରୁହେ ନାହିଁ । ନଦୀଗୁଡ଼ିକ ବୃଷ୍ଟି ଜଳପୁଷ୍ଟ । ତେଣୁ ଗ୍ରୀଷ୍ମଋତୁରେ ପ୍ରାୟତଃ ଶୁଷ୍କ ହୋଇଥାଏ । କେତେକ ନଦୀ ସଂପୂର୍ଣ୍ଣ ଭାବେ ଶୁଖିଯାଏ ।

ଟିପ୍ପଣୀ




ଚିତ୍ର : ୧୬.୨ ଭାରତର ମୁଖ୍ୟ ନଦୀ

**ପ୍ରାକୃତିକ ବିଭାଗର ବିବିଧତା ଓ ପରିପୂରକତା :**

ଭାରତରେ ବିଭିନ୍ନ ପ୍ରକାର ଭୂ-ରୂପ ତଥା ଉଚ୍ଚାବଚ୍ଚର ଲକ୍ଷଣ ଦେଖିବାକୁ ମିଳେ । ଏହାର ଉତ୍ତରରେ ଥିବା ନୂତନ ଭଙ୍ଗିଳ ପର୍ବତଶ୍ରେଣୀର ଭୌତିକ ଲକ୍ଷଣ ଅତ୍ୟନ୍ତ ସୁସ୍ପଷ୍ଟ । ଏହା ମଧ୍ୟରେ ସୁଉଚ୍ଚ ପର୍ବତଶ୍ରେଣୀ, ନଭଶ୍ଚୁମ୍ବୀ ପର୍ବତ ଶୃଙ୍ଗ, ଗିରିପଥ, ନଦୀ ଉପତ୍ୟକା ଦେଖିବାକୁ ମିଳେ । ଗୋଟିଏ ପଟେ ଯଦି ତୀଖର ଢ଼ାଲୁ ଗଡ଼ାଣି ଦେଖାଯାଏ ଓ ଅନ୍ୟ ପଟେ ମନ୍ଦ ଢ଼ାଲୁ ଦେଖାଯାଏ । ପର୍ବତର ଏକ ପାର୍ଶ୍ୱରେ କ୍ରାନ୍ତିମଣ୍ଡଳୀୟ ଘଞ୍ଚ ଜଙ୍ଗଲ ପାର୍ବତୀୟ ତୃଣଭୂମି ପର୍ଯ୍ୟନ୍ତ ଥିବା ସମୟରେ ଅପର ପାର୍ଶ୍ୱରେ ବୃକ୍ଷହୀନତା ଦେଖାଯାଏ । ଏହାର ତୁଷାରାଚ୍ଛାନ୍ନ ଅଞ୍ଚଳ, ହିମବାହ, ଜଳପ୍ରପାତ, ଝୁଲନ୍ତା ଉପତ୍ୟକା, ଶ୍ରୀନଗରର ଡାଲ ପରି ହିମବାହ ଜନିତ ହ୍ରଦ ରହିଚି । ଯାହାକୁ ସେ ଗର୍ବିତ ଯୌବନାବସ୍ଥାରେ ଥିବା ଏହାର ନଦୀ ଗୁଡ଼ିକ ନାଚି ନାଚି ଡେଇଁ ଡ଼େଇଁ ଜଳପ୍ରପାତ ସୃଷ୍ଟି କରିବା ସହ ପ୍ରବାହିତ ହେଉଛନ୍ତି । ଏହି ନଦୀମାନଙ୍କ ଦ୍ୱାରା ସୃଷ୍ଟ ନଦୀଗଣ୍ଡ ବାସ୍ତବିକ ବିସ୍ମୟକର । ଏହି ଗଣ୍ଡଗୁଡ଼ିକ ଗୋଟିଏ ପଟେ ଉପରକୁ ଉଠିଥିବା ପର୍ବତଶ୍ରେଣୀ ଓ ନୀରବରେ ଭୂମି ଖନନ କରୁଥିବା ସିନ୍ଧୁ, ସତଲେଜ୍, ବ୍ରହ୍ମପୁତ୍ର ଆଦି ମାନଙ୍କ ମଧ୍ୟରେ ସନ୍ତୁଳନ ରକ୍ଷାକରେ । ପୃଥିବୀର ଅନ୍ୟ କୌଣସି ଦେଶକୁ ପ୍ରକୃତି ଏଭଳି ଭବ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ତରୁଣ ଭଙ୍ଗିଳ ପର୍ବତମାଳା ପ୍ରଦାନ କରି ନାହିଁ ।



ଟିପ୍ପଣୀ

ଭାରତୀୟ ଉପ ମହାଦ୍ୱୀପ ଓ ଅବଶିଷ୍ଟ ଏସିଆ ମଧ୍ୟରେ ପ୍ରତିବନ୍ଧକ ଭାବେ ଦଣ୍ଡାୟମାନ ପୃଥିବୀର ସର୍ବୋଚ୍ଚ ଓ ସର୍ବାଧିକ ଲମ୍ବ ବିଶିଷ୍ଟ ପର୍ବତଶ୍ରେଣୀ ଭାରତରେ ଏକ ଅସାଧାରଣ ସଂସ୍କୃତି ବିକଶିତ କରିବା ପାଇଁ ସୁଯୋଗ ଦେଇଛି । ଜଳବାୟୁ ବିଭାଜନ ଭାବେ ଏହାର ଭୂମିକା ଅତ୍ୟନ୍ତ ପ୍ରଭାବଶାଳୀ । ଏହି ପ୍ରାକୃତିକ ବିଭାଗ ବରଫ ଓ ଜଳର ଭଣ୍ଡାର ରୂପେ କାର୍ଯ୍ୟ କରୁଛି । ଅନେକ ଚିରସ୍ରୋତା ନଦୀ ହିମାଳୟରୁ ଉତ୍ପତ୍ତି ଲାଭ କରିଛନ୍ତି । ଏହି ନଦୀଗୁଡ଼ିକ ପୃଥିବୀର ସର୍ବଶ୍ରେଷ୍ଠ ଓ ସବୁଠାରୁ ଉର୍ବର ଅଂଚଳ ମଧ୍ୟଦେଇ ପ୍ରବାହିତ ଓ ଏ ଅଂଚଳକୁ ଜଳସେଚିତ କରୁଛନ୍ତି । ପ୍ରକୃତରେ ଏହି ବିଶାଳ ସମତଳ ଭୂମି ପର୍ବତ ଓ ପର୍ବତରୁ ପ୍ରବାହିତ ନଦୀମାନଙ୍କ ଦ୍ୱାରା ପ୍ରଦତ୍ତ ଉପହାର । ଏହା ଜଳବିଦ୍ୟୁତ୍ ଶକ୍ତି, ଜାଳେଣୀ କାଠ, କାଠଗଣ୍ଡି, ବିଭିନ୍ନ ଜଙ୍ଗଲଜାତ ସାମଗ୍ରୀ, ଔଷଧୀୟ ବୃକ୍ଷ ବିଭିନ୍ନ ପ୍ରକାର ବନ୍ୟ ଜୀବଜନ୍ତୁ ଆଦି ଏ ଅଞ୍ଚଳରେ ଦେଖାଯାଆନ୍ତି । ତେଣୁ ଉଭୟ ଗ୍ରୀଷ୍ମ ଓ ଶୀତ ଋତୁରେ ଦେଶ ବିଦେଶରେ ଅସଂଖ୍ୟ ପର୍ଯ୍ୟଟକ ଏ ଅଞ୍ଚଳ ଆକୃଷ୍ଟ କରିଥାଏ ।

ବିସ୍ତୃତି ଦୃଷ୍ଟିରୁ ଉତ୍ତରସ୍ଥ ସମତଳ ଅଂଚଳ ଅତୁଳନୀୟ । ଉଚ୍ଚାବଚ ହୀନ ଏହି ବିସ୍ତୃତ ସମତଳ ଅଞ୍ଚଳରେ ଜଳ ନିଷ୍କାସନ ଅତି ଉତ୍ତମ । ଭୂ-ତଳ ଜଳ ଓ ଭୂ-ପୃଷ୍ଠ ଜଳ ଦ୍ୱାରା ଏପରି ଅଂଚଳ ସେଚିତ ହୁଏ । ସର୍ପିଳ ନଦୀ, ଅଶ୍ୱଖୁରାକୃତି ହ୍ରଦ, ଶାଖା ନଦୀ ସବୁ ଜାଲ ସଦୃଶ ରହି ଏହି ଅଞ୍ଚଳର ଏକରୂପତାକୁ ଭଙ୍ଗ କରୁଛନ୍ତି । ଏକଦା ଜଙ୍ଗଲ ଥିବା ଏହି ସମତଳ ଭୂମି ଆଜି କୃଷି ଭୂମିରେ ପରିଣତ ହୋଇଛି । ଏହି ତ୍ରିକୋଣଭୂମିର ନିମ୍ନାଂଶରେ ଜୁଆରିଆ ଅରଣ୍ୟ ଦେଖାଯାଏ । ଜନବହୁଳ ଉର୍ବର ମୃତ୍ତିକା ସଂପନ୍ନ ଏହି ଭୂମିରେ ବର୍ଷ ବର୍ଷ ଧରି ବିଭିନ୍ନ ଫସଲ ଉତ୍ପାଦନ ହୋଇଆସୁଛି । ଉତ୍ପାଦିତ ଫସଲ ଯୋଗୁଁ ପୃଥିବୀ ଜନସଂଖ୍ୟାର ଏକ ବିରାଟ ଅଂଶର ଭରଣପୋଷଣ ସମ୍ଭବ ହେଉଛି । ବହୁ ସଂଖ୍ୟାରେ ଗୋପାଳନ ମଧ୍ୟ ଏଠାରେ କରାଯାଇପାରୁଛି । ଏହା ପୃଥିବୀର ସର୍ବଶ୍ରେଷ୍ଠ ଖାଦ୍ୟଝୁଡ଼ି ମଧ୍ୟରେ ଅନ୍ୟତମ । ଏଠାରେ ବିଭିନ୍ନ ପ୍ରକାର ଡ଼ାଲି, ତୈଳବୀଜ, ପନିପରିବା, ଫଳଚାଷ ହେବା ସହିତ କପା, ଝୋଟ, ଆଖୁ ପରି ଅର୍ଥକାରୀ ଫସଲ ମଧ୍ୟ ଚାଷ ହୁଏ । ଉପଦ୍ୱୀପୀୟ ଭାରତ ଭୂଖଣ୍ଡ ଉତ୍ତରସ୍ଥ ପର୍ବତ ଶ୍ରେଣୀ ଓ ସମତଳ ଅଂଚଳର ଠିକ୍ ବିପରୀତ । ଏଠାରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ପର୍ବତ ଦେଖାଯାଏ ଏବଂ ଏହା ଅବକ୍ଷୟ ପ୍ରାପ୍ତ ଭୂମି ଅଟେ । ଏହା ପୃଥିବୀର ଏକ ଅନ୍ୟତମ ପ୍ରାଚୀନ ଭୂ-ଭାଗ ଅଟେ । ଏହାର ଗୋଲାକୃତି ପାହାଡ଼ ଏବଂ ସମତଳ ପର୍ବତ ଶିଖର ଗୁଡ଼ିକର ଆକର୍ଷଣ ଅନନ୍ୟ । ବିଭିନ୍ନ ପ୍ରକାର ରୂପାନ୍ତରିତ ତଥା ଗ୍ରାନାଇଟ୍ ଶିଳାରେ ଏହାର ପାହାଡ଼, ମାଳଭୂମି, ଚଟାଣ ଆଦି ଗଠିତ । ଏହାଛଡ଼ା ପଶ୍ଚିମ ଭାରତର ଡ଼େକାନ୍‌ଟ୍ରାପ୍‌ରେ ବିଶେଷ ଧରଣର ସମତଳ ଶିଖର ଥିବା ପାହାଡ଼ ଏବଂ ସୋପାନ ଶ୍ରେଣୀୟ ସଂରଚନା ଦେଖାଯାଏ । ଆରବ ସାଗର କୂଳେ କୂଳେ ମାଇଲ୍ ମାଇଲ୍ ଦୂରତ୍ୱ ବ୍ୟାପୀ ଅବିଚ୍ଛିନ୍ନ ପ୍ରାଚୀର ସଦୃଶ୍ୟ ତୀକ୍ଷ୍ଣ ଭୂ-ରୂପ ଦେଖାଯାଏ । ଏହାର ସୌନ୍ଦର୍ଯ୍ୟ ବର୍ଣ୍ଣନା ଦେଖିଲେ ବିଶ୍ୱାସ କରାଯାଇପାରେ । ବର୍ଣ୍ଣନା କରାଯାଇପାରେ । ଏଠାରେ ପ୍ରଚୁର ପରିମାଣରେ କପା, ଆଖୁ, କଫି ଓ ଚିନାବାଦାମ ଭଳି ଶିଳ୍ପଭିତ୍ତିକ ଶସ୍ୟ ଉତ୍ପାଦନ କରାଯାଏ । ତତ୍ ସହିତ ଖଣିଜ ସଂପଦର ମଧ୍ୟ ଏ ଅଂଚଳ ପରିପୂର୍ଣ୍ଣ । ଏଠାରେ ଲୁହାପଥର, କୋଇଲା, ତେଜସ୍କ୍ରିୟ ଧାତୁ ଆଦି ପରିପୂର୍ଣ୍ଣ ହୋଇରହିଛି । ଏଠାରେ ଜଳବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ମଧ୍ୟ ରହିଛି । ତେଣୁ ଏଠାରେ ଉଭୟ କୃଷିଭିତ୍ତିକ ଓ ଖଣିଜ ଭିତ୍ତିକ ଶିଳ୍ପ ଗଢ଼ିଉଠିଛି ।

ଆମର ତଟରେଖା/ ଉପକୂଳ ରେଖା ସମତଳ ଅଥବା କେଉଁଠାରେ ତନ୍ତୁରିତ । ତନ୍ତୁରିତ ତଟାରେଖାରେ ମୁମ୍ବାଇ, ମର୍ମାଗୋଆ ପରି ପ୍ରାକୃତିକ ପୋତାଶ୍ରୟ ଦେଖାଯାଏ । ଉପକୂଳବର୍ତ୍ତୀ ଅଂଚଳ ତଥା ଦ୍ୱୀପପୁଞ୍ଜରେ

ଉପକୂଳୀୟ ମାଛଧରା ଓ ଗଭୀର ସମୁଦ୍ର ମାଛ ଧରାପାଇଁ ସୁଯୋଗ ରହିଛି । ପୂର୍ବ ଉପକୂଳୀୟ ସମତଳ ଅଞ୍ଚଳ ଉର୍ବର ତ୍ରିକୋଣ ଭୂମି ଦେଖାଯାଏ, ଯାହା ଧାନଚାଷ ପାଇଁ ପ୍ରସିଦ୍ଧ । ପୂର୍ବ ଉପକୂଳ ଯଦି ଉତ୍‌ଥିତ ଉପକୂଳ ଅଟେ, ତେବେ ପଶ୍ଚିମ ଉପକୂଳ ନିମଜ୍ଜିତ ଉପକୂଳ ଅଟେ । ଏଠାକାର ସମତଳ ଅଂଚଳ ପାହାଡ଼ିଆ ଓ କ୍ଷୟପ୍ରାପ୍ତ । ଏଠାରେ ଧାନ, ନଡ଼ିଆ, ରବର, (ଟବାକୋ) ଧୂଆଁପତ୍ର ଏବଂ ମସଲା ଆଦି ଉତ୍ପାଦନ କରାଯାଏ । ଏଠାରେ ଉପକୂଳୀୟ ଖଣିଜ ତୈଳ ଓ ପ୍ରାକୃତିକ ବାଷ୍ପ ଦେଖାଯାଏ । ଯଦି ଲାକ୍ଷାଦ୍ୱୀପ ପ୍ରବାଳ ନିର୍ମିତ ଅଟେ ତେବେ ଆଣ୍ଡାମାନ ନିକୋବର ଦ୍ୱୀପସମୂହ ନିମଜ୍ଜିତ ଶୈଳ ଶିଖର ଅଟେ । ଭାରତର ସୁରକ୍ଷା ନିମନ୍ତେ ଏହି ଦ୍ୱୀପପୁଞ୍ଜ ଗୁଡ଼ିକର ସାମରିକ ମହତ୍ତ୍ୱ ରହିଛି । ଏହି ଦ୍ୱୀପପୁଞ୍ଜ ତଟଦେଶକୁ ସ୍ପର୍ଶ କରୁଥିବା ସମୁଦ୍ରରେ ୭ଟି ଦେଶ ଯଥାକ୍ରମେ - ବାଲାଂଦେଶ, ମିଆଁମାର, ଥାଇଲାଣ୍ଡ, ମାଲେସିଆ, ସିଙ୍ଗାପୁର, ଇଣ୍ଡୋନେସିଆ ଏବଂ ଶ୍ରୀଲଙ୍କା ଅବସ୍ଥିତ । ଏହି ଦ୍ୱୀପପୁଞ୍ଜ ଗୁଡ଼ିକ ମାଛଧା, ଜଙ୍ଗଲ ଓ ପର୍ଯ୍ୟଟନ ଉଦ୍ଦେଶ୍ୟରେ ପ୍ରସିଦ୍ଧ ।

ଏହି ପ୍ରକାରେ ଉଚ୍ଚାବଚ୍ଚର ଛୋଟବଡ଼ ଲକ୍ଷଣ ଓ ସ୍ଥଳାକୃତି ଆମ ସଂସ୍କୃତିକୁ ମହିମାନ୍ୱିତ କରିବାରେ ସାହାଯ୍ୟ କରିଛି । ଏମାନଙ୍କ ଯୋଗୁଁ କୃଷି ଉତ୍ପାଦନ କ୍ଷମତା ବୃଦ୍ଧି ପାଇଛି, ଯାହା ଫଳରେ ଏଠାରେ ପ୍ରାୟ ସବୁପ୍ରକାର ଫସଲ ଚାଷ କରାଯାଉଛି । ଏଥିପାଇଁ ମଧ୍ୟ ଆଧୁନିକ ଶିଳ୍ପ ସଂସ୍ଥା ଆମଦେଶରେ ଗଢ଼ି ଉଠିଛି । ଏହି ପ୍ରକାର ଭାରତର ପ୍ରତ୍ୟେକ ଭୂ-ଆକୃତିକ ବିଭିନ୍ନ ପରସ୍ପର ଉପରେ ନିର୍ଭରଶୀଳ ।

## ପ୍ରଶ୍ନାବଳୀ ୧୬.୬

1. ପ୍ରବାହିତ ନଦୀ ଜଳ ବ୍ୟବସ୍ଥାକୁ ପ୍ରଭାବିତ କରୁଥିବା ୨ଟି କାରକର ନାମ ଲେଖ ।

   (କ) ____________________ (ଖ) ____________________

2. ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

   (i) ଭାରତର ଭୂପୃଷ୍ଠ ଜଳ ପୂର୍ବରେ __________ କୁ ଓ ପଶ୍ଚିମରେ __________କୁ ପ୍ରବାହିତ ହେଉଛି ।

   ( ଭାରତ ମହାସାଗର, ବଙ୍ଗୋପସାଗର, ପାରସ୍ୟ ଉପସାଗର ଓ ଆରବ ସାଗର)

   (ii) ପଶ୍ଚିମ ଦିଗକୁ ପ୍ରବାହିତ ୨ଟି ଦକ୍ଷିଣ ଭାରତୀୟ ନଦୀ ଯଥାକ୍ରମେ __________ ଓ __________

3. ଦାକ୍ଷିଣାତ୍ୟ ମାଳଭୂମିରୁ ଉତ୍ତରକୁ ପ୍ରବାହିତ ୩ଟି ନଦୀର ନାମ ଲେଖ ।

   (କ) __________ (ଖ) __________ (ଗ) __________



ଟିପ୍ପଣୀ

## ତୁମେ କ'ଣ ଶିଖିଲ

◆ ଉତ୍ତରରେ ନଭଶ୍ଚୁମ୍ବୀ ପର୍ବତଶ୍ରେଣୀ, ତଥା ଦକ୍ଷିଣରେ ସମୁଦ୍ର ଓ ମହାସାଗର ପରିବେଷ୍ଟିତ ଭାରତୀୟ ଉପ ମହାଦ୍ୱୀପ ଏସିଆ ମହାଦେଶର ଅନ୍ୟ ଦେଶଠାରୁ ସ୍ୱତନ୍ତ୍ର । ସେଥିପାଇଁ ଭାରତୀୟ ଉପମହାଦେଶରେ ତାର ନିଜସ୍ୱ ସ୍ୱତନ୍ତ୍ର ତଥା ସମୃଦ୍ଧ ସଂସ୍କୃତି ବିକାଶ ଲାଭ କରିଛି । ଉପମହାଦ୍ୱୀପରେ ଭାରତର ସ୍ଥାନ ସ୍ୱତନ୍ତ୍ର କାରଣ ଏହାର ମୋଟ୍ ଜନସଂଖ୍ୟାର ଦୁଇ ତୃତୀୟାଂଶ ଲୋକ କେବଳ ଭାରତରେ ହିଁ ବାସକରନ୍ତି । ଏହାଛଡ଼ା ଉପମହାଦେଶର ପ୍ରତ୍ୟେକ ଦେଶ ସହ ଏହାର ସୀମା ସଂଯୁକ୍ତ ।

◆ ଭାରତ ମହାସାଗର ଶୀର୍ଷରେ ଅବସ୍ଥିତ ଯୋଗୁଁ ଏସିଆ, ଆଫ୍ରିକା, ଅଷ୍ଟ୍ରେଲିଆ ଆଦି ମହାଦେଶ ସହିତ ବାଣିଜ୍ୟ ବୃଦ୍ଧି କରିବା ପାଇଁ ଅନୁକୂଳ ଅବସ୍ଥାରେ ରହିଛି । ସୁଏଜ୍ କେନାଲ୍ ନିର୍ମାଣ ହେବା ପରଠାରୁ ୟୁରୋପ ଓ ଉତ୍ତର ଆମେରିକା ସହ ସଂପର୍କ ରକ୍ଷା କରିବା ସହଜ ହୋଇପାରିଛି । ପାରସ୍ୟ ଉପସାଗର ନିକଟବର୍ତ୍ତୀ ତୈଳ ଖଣି ସଂପନ୍ନ ଦେଶମାନଙ୍କ ଠାରୁ ଭାରତ ଅପେକ୍ଷାକୃତ ଭାବେ କମ୍ ଦୂରରେ ଅବସ୍ଥିତ ।

◆ ଅକ୍ଷାଂଶୀୟ ବିସ୍ତୃତ ଅଧିକ ହେବାଯୋଗୁଁ ଭାରତର ଉତ୍ତର ଓ ଦକ୍ଷିଣ ଭାଗର ଜଳବାୟୁରେ ବହୁତ ପାର୍ଥକ୍ୟ ଦେଖାଯାଏ । ଦ୍ରାଘିମା ବିସ୍ତୃତି ଅଧିକ ଯୋଗୁଁ ପୂର୍ବତମ ଓ ପଶ୍ଚିମାତମ ସମୟ ମଧ୍ୟରେ ପ୍ରାୟତଃ ଦୁଇଘଣ୍ଟାର ପାର୍ଥକ୍ୟ ଦେଖାଯାଏ । ୫୨°୩୦" ପୂର୍ବ ଦ୍ରାଘିମାର ସ୍ଥାନୀୟ ସମୟକୁ ଦେଶର ପ୍ରମାଣ ସମୟ ଭାବେ ଗ୍ରହଣ କରି ଦୁଇ ଘଣ୍ଟାର ଏହି ସମୟ ଦୂରତାକୁ ହ୍ରାସ କରାଯାଇଛି ।

◆ ଆୟତନ ଦୃଷ୍ଟିରୁ ଭାରତର ସ୍ଥାନ ପୃଥିବୀର ୭ମ ଓ ଜନସଂଖ୍ୟା ଦୃଷ୍ଟିରୁ ଭାରତ ୨ୟ (ଚୀନ୍ ପ୍ରଥମ) । ଏହାର ଅର୍ଥ ଆମର ସୀମିତ ଭୂ ସମ୍ବଳ ତଥା ଜଳ ସମ୍ବଳ ଉପରେ ସର୍ବଦା ଜନସଂଖ୍ୟାର ଚାପ ପରିଦୃଷ୍ଟ ।

◆ ଭାରତର ପ୍ରାକୃତିକ ବିଭାଗ ଅତ୍ୟନ୍ତ ସ୍ପଷ୍ଟ ଓ ବିପରୀତ ମୁଖୀ । ବାସ୍ତବିକ ଏମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ନିଜର ଆଦର୍ଶ ଉଦାହରଣ ଭାବେ ପ୍ରସ୍ତୁତ କରାଯାଇପାରେ । ଏହା ପର୍ବତ, ମାଳଭୂମି କିମ୍ବା ସମତଳ ଭୂମି ହୋଇପାରେ । ଏମାନେ ବିବିଧତା ବୃଦ୍ଧିକାରୀ ହେଲେ ମଧ୍ୟ ଆର୍ଥିକ ଦୃଷ୍ଟିକୋଣରୁ ପରସ୍ପର ପରସ୍ପରର ପରିପୂରକ । ଏଥିପାଇଁ ବୃହତ୍ ପ୍ରଦେଶଗୁଡ଼ିକ ପରସ୍ପର ଉପରେ ନିର୍ଭରଶୀଳ । ଏହାଦ୍ୱାରା ସମଗ୍ର ଦେଶ ଏକକ ଆର୍ଥିକ ତଥା ରାଜନୈତିକ ସତ୍ତା ରୂପେ ପରିଗଣିତ । ଏହାଦ୍ୱାରା ଦେଶର ଛୋଟ ବଡ଼ ସମସ୍ତ ଅଂଚଳ ଲାଭବାନ୍ ହୁଅନ୍ତି ।

## ପାଠ୍ୟାନ୍ତ ପ୍ରଶ୍ନ

1. ନିମ୍ନଲିଖିତ ଶିର୍ଷକାନୁଯାୟୀ ହିମାଦ୍ରୀ ପର୍ବତଶ୍ରେଣୀ ସମ୍ବନ୍ଧରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।
କ - ସ୍ଥିତି, ଖ- ହାରାହାରି ଉଚ୍ଚତା ଓ ଦୈର୍ଘ୍ୟ, ଗ- ପ୍ରମୁଖ ଶୃଙ୍ଗ, ଘ- ପ୍ରମୁଖ ହିମବାହ, ଙ- ମୁଖ୍ୟ ଗିରିପଥ (ହିମାଚଳ ପ୍ରଦେଶ, ସିକିମ୍ ଓ ଜାମୁ ଓ କାଶ୍ମୀରରୁ ଗୋଟିଏ ଲେଖାଏଁ )

2. ପାର୍ଥକ୍ୟ ଦର୍ଶାଅ :

(କ) ପୂର୍ବ ଉପକୂଳ ସମତଳ ଅଂଚଳ ଓ ପଶ୍ଚିମ ଉପକୂଳ ସମତଳ ଅଂଚଳ

(ଖ) ପୂର୍ବ ଘାଟ ଓ ପଶ୍ଚିମ ଘାଟ ପର୍ବତମାଳା

(ଗ) ଉତ୍ତର ଭାରତ ନଦୀ ଓ ଦକ୍ଷିଣ ଭାରତ ନଦୀ

ଟପ୍ପଣୀ

3. ବିଶାଳ ମାଳଭୂମିକୁ ଦୁଇ ପ୍ରମୁଖ ଭୂ-ଆକୃତିକ ଭାଗରେ ବିଭକ୍ତ କରି କେନ୍ଦ୍ରୀୟ ପର୍ବତ୍ୟାଞ୍ଚଳ ଉପରେ ନିମ୍ନଲିଖିତ ଶୀର୍ଷକକୁ ନେଇ ବିବରଣୀ ପ୍ରଦାନ କର - (୧) ଆରାବଳୀ ପର୍ବତ (୨) ମାଲୱା ମାଳଭୂମି ଓ ଏହାର ପୂର୍ବ ବିସ୍ତୃତି (ଗ) ବିନ୍ଧ୍ୟ ପର୍ବତ

4. ନିମ୍ନ ଲିଖିତ ଶୀର୍ଷକ ଉପରେ ପ୍ରାଧାନ୍ୟ ଦେଇ ଉତ୍ତରସ୍ଥ ବିଶାଳ ସମତଳ ଭୂମିର ଏକ ବିଭାଗ ଉତ୍ତରସ୍ଥ ସମତଳ ଭୂମିର ସଂକ୍ଷିପ୍ତ ବିବରଣୀ ପ୍ରଦାନ କର । (କ) ଅବସ୍ଥିତି ଓ ବିସ୍ତୃତି (ଖ) ମୁଖ୍ୟ ନଦୀ

5. ସଂକ୍ଷିପ୍ତ ଟିପ୍ପଣୀ ପ୍ରଦାନ କର ।

   (i) ଭାରତୀୟ ପ୍ରମାଣ ସମୟ (ii) ଗ୍ରସ୍ତ ଉପତ୍ୟକା (rift valley)

   (iii) ପ୍ରବାହିତ ନଦୀ ଜଳ ବ୍ୟବସ୍ଥା / ଅପବାହ ତନ୍ତ୍ର

6. ଭାରତର ୨ଟି ରେଖା ମାନଚିତ୍ରରେ ନିମ୍ନଲିଖିତ ସ୍ଥାନ ଦର୍ଶାଅ ।

   କ - ହିମାଳୟ, କାରାକୋରମ୍, ଜସ୍କର ଶ୍ରେଣୀ, ଲାଦାଖ ଶ୍ରେଣୀ, ମିଜୋ ପର୍ବତ, ସହ୍ୟାଦ୍ରୀ, ସାତପୁରା, ବିନ୍ଧ୍ୟା ପର୍ବତ

   ଖ - ସତ୍‌ଲେଜ, ଗଙ୍ଗା, ବ୍ରହ୍ମପୁତ୍ର, ଯମୁନା, ଚମ୍ବଲ, ମହାନଦୀ, ଗୋଦାବରୀ, କୃଷ୍ଣା, କାବେରୀ, ନର୍ମଦା, ତାପୀ ନଦୀ

## ପାଠ୍ୟଗତ ପ୍ରଶ୍ନର ଉତ୍ତର

**16.1**

1. ପାକିସ୍ଥାନ, ଆଫଗାନିସ୍ଥାନ, ଚୀନ୍, ନେପାଳ, ମିଆଁମାର, ବାଂଲାଦେଶ ଓ ଭୁଟାନ
2. ୮$^0$4’ ଓ 37$^0$6’ ଉତ୍ତର ଅକ୍ଷାଂଶ, ୬୮$^0$7’ ଓ ୨୭$^0$5’ ପୂର୍ବ ଦ୍ରାଘିମା
3. (ଗ)
4. (ଗ) ୮2$^0$ 30’
5. ପ୍ରାୟ ଦୁଇଘଣ୍ଟା

**16.2**

1.(କ) (i) (ଗ)

   (ii) ଗ

2. (i) ହିମାଦ୍ରୀ (ii) ହିମାଚଳ (iii) ସିୱାଲିକ୍
3. କାରାକୋରମ୍
4. କାରାକୋରମ୍

**16.3**

1. 2000 ରୁ 3000 ମି.
2. ତୁଳନାତ୍ମକ ଭାବେ ସମତଳ ଭୂମିର ଉଚ୍ଚାଂଶ
3. (କ) ପଞ୍ଜାବ (ଖ) ହରିୟାନା (ଗ) ଉତ୍ତର ପ୍ରଦେଶ
4. (i) ସରସ୍ୱତୀ (ii) ଦୃଶତ୍‌ବତୀ
5. ଯମୁନା, ଗଙ୍ଗା, ଗୋମତୀ, ଘର୍ଘରା, ଗଣ୍ଡକ, ରାମଗଙ୍ଗା (ଯେକୌଣସି ୪ଟି)

**16.4**

1. (i) (ଖ)

   (ii) (କ)



ଟିପ୍ପଣୀ

2. ଚମ୍ବଲ, ବେଟଓ୍ୱା, ପାର୍ବତୀ, କାଳୀ, ସିନ୍ଧୁ (ଯେ କୌଣସି ୨ଟି)
3. ପାଲାନୀ ପାହାଡ଼
4. ମାଉଣ୍ଟ ଆବୁ (ଗୁରୁ ଶିଖର)

**16.5**

1 ପୂର୍ବ ଉପକୂଳ ସମତ ଅଞ୍ଚଳ
2. (i) ଚିଲିକା (ii) ପୁଲିକଟ୍
3. କୋଲେରୁ
4. ଡାମନ (ଉତ୍ତର) ଏବଂ ଗୋଆ (ଦକ୍ଷିଣ)
5. (ଗ)

**16.6**

1. ଭୂମିର ଗଡ଼ାଣୀ, ଭୂ-ତାତ୍ତ୍ୱିକ ଗଠନ, ଜଳର ପରିମାଣ ଓ ପ୍ରବାହର ବେଗ (ଯେ କୌଣସି ୨ଟି)
2. (i) ଆରବ ସାଗର ଓ ବଙ୍ଗୋପ ସାଗର
   (ii) ନର୍ମଦା ଓ ତାପି
3. ଚମ୍ବଲ, ପାର୍ବତୀ, ସିନ୍ଧୁ, ବେଟଓ୍ୱା, କେନ୍, ସୋନ୍ (ଯେ କୌଣସି ୩ଟି)
4. 5200 ମି.

## ପାକ୍ଷିକ ପରୀକ୍ଷା ପ୍ରଶ୍ନ ପାଇଁ ସଂକେତ :

1. 16.4 ଅନୁଚ୍ଛେଦରେ ହିମାଦ୍ରୀର ବର୍ଣ୍ଣନା ଶେଷ

| | | |
|---|---|---|
| 2.(କ) | **ପୂର୍ବ ଉପକୂଳ ସମତଳ ଭୂମି ।** | **ପଶ୍ଚିମ ଉପକୂଳ ସମତଳ ଭୂମି ।** |
| | (i) ବଙ୍ଗୋପ ସାଗର କୂଳରେ ବିସ୍ତୃତ । | (i) ଆରବ ସାଗର କୂଳରେ ବିସ୍ତୃତ । |
| | (ii) ଅପେକ୍ଷାକୃତ ଭାବେ ବିସ୍ତୃତ । | (ii) ଅପେକ୍ଷାକୃତ ଭାବେ ସଂକୀର୍ଣ୍ଣ । |
| | (iii) ଏଠାରେ ତ୍ରିକୋଣଭୂମି ଦେଖାଯାଏ । | (iii) ଏଠାରେ ତ୍ରିକୋଣ ଭୂମି ଦେଖାଯାଏ ନାହିଁ । |
| (ଖ) | ପୂର୍ବ ଘାଟ | ପଶ୍ଚିମ ଘାଟ (ସହ୍ୟାଦ୍ରୀ) |
| | (i) ବଙ୍ଗୋପ ସାଗରକୁ ପ୍ରବାହିତ ନଦୀମାନଙ୍କ ଦ୍ୱାରା ବିଖଣ୍ଡିତ | (i) ନିରବଚ୍ଛିନ୍ନ |
| | (ii) ସ୍ୱଳ୍ପୋଚ୍ଚ | (ii) ଅପେକ୍ଷାକୃତ ଉଚ୍ଚ |
| | (iii) ଶୈଳ ନିବାସ ନାହିଁ | (iii) ସୁନ୍ଦର ସୁନ୍ଦର ଶୈଳନିବାସ ରହିଛି |
| (ଗ) | ହିମାଳୟରୁ ଉତ୍ପତ୍ତିଲାଭ କରିଥିବା ନଦୀ/ ଉତ୍ତର ଭାରତ ନଦୀ | ଦକ୍ଷିଣ ଭାରତ ନଦୀ |
| | (i) ଚିର ସ୍ରୋତା | (i) ଚିରସ୍ରୋତା ନୁହଁନ୍ତି । ଋତୁକାଳୀନ |
| | (ii) ହିମବାହରୁ ଉତ୍ପତ୍ତି ଲାଭ କରିଛନ୍ତି | (ii) ଝରଣାରୁ ସୃଷ୍ଟି |

3. 16.6. ଅନୁଚ୍ଛେଦରେ ଥିବା କେନ୍ଦ୍ରୀୟ ପାର୍ବତ୍ୟାଞ୍ଚଳରେ ବର୍ଣ୍ଣନାକୁ ଦେଖ ।
4. ପ୍ରମାଣ ସମୟ ୫୨°30' ପୂ.ଦ୍ରା. ଏହି ଦ୍ରାଘିମାର ସ୍ଥାନୀୟ ସମୟକୁ ସାରା ଭାରତର ପ୍ରମାଣ ସମୟ ଭାବେ ଗ୍ରହଣ କରାଯାଇଛି ।
5. ଗ୍ରସ୍ତ ଉପତ୍ୟକା : ଭୂ-ଚଳନ ଯୋଗୁଁ ଭୂ-ପୃଷ୍ଠସ୍ଥ କୌଣସି ସ୍ଥାନ ନିମ୍ନଗାମୀ ହେଲେ ସୃଷ୍ଟ ଉପତ୍ୟକାକୁ ଗ୍ରସ୍ତ ଉପତ୍ୟକା କହନ୍ତି ।
6. ପ୍ରବାହିତ ନଦୀ ଜଳ ବ୍ୟବସ୍ଥା :କେଉଁ ଅଞ୍ଚଳର ଭୂପୃଷ୍ଠ ଜଳ କେଉଁ କେଉଁ ନଦୀ ଦ୍ୱାରା ପ୍ରବାହିତ ହୁଏ, ତାହାହକୁ ପ୍ରବାହିତ ନଦୀ ଜଳ ବ୍ୟବସ୍ଥା କହନ୍ତି ।
7. ପାଠ ଶେଷରେ ପ୍ରଦତ୍ତ ଭାରତର ଭୌତିକ ମାନଚିତ୍ର ଓ ନଦୀମାନଚିତ୍ରକୁ ଦେଖ ।